## ସଂକ୍ଷେପରେ

### ବିଦ୍ୟାଳୟ ସମ୍ମୁଖରୁ ମୃତଦେହ ଉଦ୍ଧାର

ରାୟଗଡ଼ା ଅଫିସ, ୧୯।୧୧: ରାୟଗଡ଼ା ପିଏଚ୍‌ଡି କଲୋନୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବ୍ୟକ୍ତି ଜଣକ ସ୍ଥାନୀୟ ଶିବ ମନ୍ଦିରରେ ଭିକ୍ଷା ବୃତ୍ତି କରି ଚଳୁଥିଲେ। ନିକଟରେ ଥିବା ବିଦ୍ୟାଳଟି ଦୀର୍ଘ ଦିନ ହେଲା ବନ୍ଦ ପଡ଼ିଥିବାବେଳେ ସେଠାରେ ସେ ରାତିରେ ଆଶ୍ରୟ ନେଉଥିଲେ। ହେଲେ ବିଦ୍ୟାଳୟ ସମ୍ମୁଖରେ ସେ ମୃତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜବତ କରି ବ୍ୟବଚ୍ଛେଦ ପାଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି।

### ପାରିବାରିକ କଳହରୁ ଆତ୍ମହତ୍ୟା

ଜେକେପୁର, ୧୯।୧୧-ଚାନ୍ଦିଲି ଥାନା ଅନ୍ତର୍ଗତ ଦେବଦଳାଗୁଡ଼ା ଗ୍ରାମ ନିକଟସ୍ଥ ରେଳଧାରଣାରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ହେଲେ କୁମୁଟିପେଣ୍ଠ ଗ୍ରାମର ଏମ. ଆନନ୍ଦ ରାଓ(୫୦)। ପାରିବାରିକ କଳହକୁ କେନ୍ଦ୍ରକରି ସକାଳେ ସେ ଜେକେପୁର ନିକଟସ୍ଥ ସିଙ୍ଗାପୁର ରୋଡଠାରେ ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍(୫୮୫୨୮) ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆରପିଏଫ ଆଇଆଇସି ଡ଼ି. ଏନ୍ ତ୍ରିଲୋକ, ଏଏସ୍‌ଆଇ କେଦାର ଚନ୍ଦ୍ର ଦୋରା ଏବଂ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଏ ନେଇ ଜିଆର୍‌ପି ଥାନାରେ ୩୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜିଆରପି ଥାନା ଅଧିକାରୀ ସନ୍ତୋଷ କୁମାର ମିର୍ଦ୍ଧା ସୂଚନା ଦେଇଛନ୍ତି।

### ମିଶନ୍ ରାଣୀ ପର୍ବରେ ଶ୍ରଦ୍ଧାଳୁଙ୍କ ଭିଡ଼



ବ୍ରହ୍ମପୁର ଅଫିସ୍,୧୯।୧୧: ମିଶନ ରାଣୀ ମା' ମାରୀୟାଙ୍କ ପବିତ୍ର ନବୀନାର ଦ୍ୱିତୀୟ ଦିନ ମିଶନ ରାଣୀ ମହାଦେବାଳୟରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନବୀନାର ଦିବ୍ୟଯଜ୍ଞରେ ବ୍ରହ୍ମପୁର ଧର୍ମାଞ୍ଚଳର ମୁଖ୍ୟ ଯାଜକ ସଞ୍ଜୀବ କୁମାର ନାୟକ, ସହକାରୀ ଯାଜକ ଶଶୀକାନ୍ତ ମାଲୀ, ଯାଜକ ସୁରେଶ ନାୟକ, ଯାଜକ ଅନନ୍ତ ନାୟକ ଓ ଯାଜକ ସୁବୀର ସିଂ ଦିବ୍ୟଯଜ୍ଞ ଉତ୍ସର୍ଗ କରିଥିଲେ। ଯାଜକ ଅନନ୍ତ ନାୟକ ଏହି ଦିବ୍ୟଯଜ୍ଞରେ ପୌରୋହିତ୍ୟ କରିଥିଲେ। 'ମେରୀ, ଦି ରିଫ୍ୟୁଜି ଅଫ୍ ସିନର୍ସ' ବା 'କୁମାରୀ ମେରୀ ପାପୀଙ୍କର ଶରଣ' ଏହି ବିଷୟରେ ଭକ୍ତମାନଙ୍କୁ ବୁଝାଇଥିଲେ। ବ୍ରହ୍ମପୁର ଧର୍ମାଞ୍ଚଳର ଯିଜସ୍ ୟୁଥ୍ ଯୁବ ଗୋଷ୍ଠୀ ସଙ୍ଗୀତ ପରିଚାଳନା ଓ ଗେଟ ବଜାର ଅଞ୍ଚଳର ଭକ୍ତଗଣ ଏହି ଦିବ୍ୟଯଜ୍ଞରେ ସାହାଯ୍ୟ କରିଥିଲେ । ଶୃଙ୍ଖଳିତ ଓ ସୁନ୍ଦର ପରିଚାଳନା ନିମନ୍ତେ ମଦର ଟେରେସା ସଂଘ ସେବାଭଗ୍ନୀ ଗଣ, ଧର୍ମାଞ୍ଚଳର ପାଳକୀୟ ପରିଷଦ ସଭ୍ୟସଭ୍ୟା ଗଣ ଏବଂ ବିଭିନ୍ନ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

■ ୟୁଏନ୍‌ସିଆର୍‌ସିର ୩୦ବର୍ଷ ପୂର୍ତ୍ତି ପାଳନ

# ମାସକ ମଧ୍ୟରେ ଶିଶୁଙ୍କ ସମସ୍ୟାର ହେବ ସମାଧାନ

ରାୟଗଡ଼ା ଅଫିସ,୧୯।୧୧

ୟୁଏନ୍‌ସିଆର୍‌ସି ଚୁକ୍ତିନାମାର ୩୦ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଶକ୍ତି ଅନୁଷ୍ଠାନ ପକ୍ଷରୁ ଏବଂ ୟୁନିସେଫ୍ ସହାୟତାରେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସ୍ଥିତ ପିକ୍‌ଅପ୍ ଏନଜିଓ ସଂସ୍ଥା ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଶିଶୁମାନେ ଉପସ୍ଥିତ ଥିଲେ। ଶିଶୁ ଅଧିକାରକୁ କେତେ ଦୂର ନିଶ୍ଚିତ କରାଯାଇପାରିଛି ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା। ଶିଶୁମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟି ଓ ବାଲ୍ୟ ବିବାହ ଆଧାରିତ ବିଭିନ୍ନ ସମସ୍ୟା ଉପରେ ଶିଶୁମାନଙ୍କ ସହ ଆଲୋଚନା କରାଯାଇଥିଲା। ସେହିପରି ବିଗତ ଦିନରେ ସାଥୀ ଶକ୍ତି ଓ ଚାଇଲଡ଼ଲାଇନ ଦ୍ୱାରା ମିଳିତ ଭାବେ ରାୟଗଡ଼ା ବ୍ଲକ୍‌ର ୩ ପଞ୍ଚାୟତରେ କରାଯାଇଥିବା ସର୍ଭେ ଓ ଏହାର ନିଷ୍କର୍ଷ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ସରକାରୀ ଅଧିକାରୀମାନେ ଶିଶୁମାନଙ୍କ ସୁରକ୍ଷା ପାଇଁ ଶପଥ ନେଇଥିଲେ। ସେହିପରି ବାଲ୍ୟବିବାହକୁ ବିରୋଧ କରିବା ପାଇଁ ଶିଶୁମାନେ ମଧ୍ୟ ଶପଥପାଠ କରିଥିଲେ। କର୍ମଶାଳାରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବାରିହା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ, ଜିଲା ପ୍ରକଳ୍ପ ସଂଯୋଜିକା ଆନେସ୍ଥେସିଆ କେର୍କେଟା, ଜିଲା ସମାଜ ସୁରକ୍ଷା ଅଧିକାରୀ ଆଦିପତି କହଁର, ସହକାରୀ ଶ୍ରମ ଅଧିକାରୀ ଟୁଡ୍ଡୁ ଛୋଟରାଏ, ଆକ୍ସନ୍‌ଏଡ଼୍‌ର ଜିଲା ସଂଯୋଜକ ରତ୍ନେଶ୍ୱର ସାହୁ ଉପସ୍ଥିତ ଥିଲେ। ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରାଜକିଶୋର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶକ୍ତି ସଙ୍ଗଠନର ନିର୍ଦ୍ଦେଶିକା ସଂଘମିତ୍ରା ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟପକ୍ଷରେ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ୧ମାସ ମଧ୍ୟରେ ସେଗୁଡ଼ିକର ସମାଧାନ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡଲାଇନ୍ ସଂଯୋଜିକା କେ. ନୀଳିମା ଓ ଶକ୍ତି ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।



ଶିଶୁଙ୍କ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ଶପଥପାଠ କରାଯାଉଛି।

**ଜିଲାସ୍ତରୀୟ କର୍ମଶାଳା**

■ ଯୌତୁକ ପାଇଁ ଝିଅକୁ ହତ୍ୟା ଅଭିଯୋଗ

# ଡିଜିପି,ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ବାପା

ଗୁଣପୁର,୧୯।୧୧(ଡି.ଏନ.ଏ.)

ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦିଆଯିବା ପରେ ହତ୍ୟା କରାଯାଇଛି। ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ପଞ୍ଚାୟତ ରିଜିଂତାଲ ଗ୍ରାମର ପ୍ରବେଶ ଗମାଙ୍ଗ ଏଭଳି ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୨୦୧୮ ମେ ୧୬ରେ ଝିଅ ସନିକାଙ୍କ ବିବାହ ଗଜପତି ଜିଲା ସେରଙ୍ଗ ଥାନା ଅଧୀନ ମାଲିଆ ଗ୍ରାମର ପିଲିମନ ରଇତଙ୍କ କନିଷ୍ଠ ପୁତ୍ର ମନୋଜଙ୍କ ସହ ଅନୁଷ୍ଠିତ ହୋଇଥିଲା। ଖ୍ରୀଷ୍ଟିଆନ ପରମ୍ପରା ଅନୁଯାୟୀ ଉଭୟଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ ପରେ ଉଭୟେ ଗଞ୍ଜାମ ଜିଲା ବ୍ରହ୍ମପୁର ଗୋବିନ୍ଦ ବିହାର ୬ଷ୍ଠ ଲାଇନ୍‌ରେ ରହୁଥିଲେ। ହେଲେ ଗତ ୧୧ ତାରିଖ ସନ୍ଧ୍ୟାରେ ଝିଅ ସନିକା ସିଲିଂ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ବାପଘର ଲୋକେ ଖବର ପାଇଥିଲେ। ଝିଅକୁ ଦେଖିବାପରେ ମେଡିକାଲକୁ ନିଆଯିବ, ସେ ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ବାପା ପ୍ରବେଶ କହିଥିଲେ। ମାତ୍ର ସେ ପହଞ୍ଚିବା ପୂର୍ବରୁ ଝିଅର ମୃତଦେହକୁ ଫ୍ୟାନ୍‌ରୁ ବାହାରକରି ମେଡିକାଲକୁ ନେଇ ଯାଇଥିଲେ। ସନିକା ୩ମାସର ଗର୍ଭବତୀ ଥିବାବେଳେ ସେ ଆତ୍ମହତ୍ୟା କରିନାହିଁ ବୋଲି ବାପା ଅଭିଯୋଗ କରିଛନ୍ତି। ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯିବା ପରେ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଘଟଣାର ତଦନ୍ତ କରି ଝିଅକୁ ନ୍ୟାୟ ଦେବାପାଇଁ ପ୍ରବେଶ ରାଜ୍ୟ ପୋଲିସ ଡିଜି ବି.କେ. ଶର୍ମା, ମାନବାଧିକାର କମିଶନ ଏବଂ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।




ଗୁଣପୁର ଭୀମଶଙ୍କର ଠିକାଦାର ସଂଘ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆନ୍ଦୋଳନ ଜାରି ରହିଛି ।

■ ପ୍ରେମ ବ୍ୟାପାରକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା

# ଶାନ୍ତି କମିଟି ଗଠିତ, ଥାନାରେ ହେଲା ସମାଧାନ

ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.)

ଏକ ପ୍ରେମ ବ୍ୟାପାରକୁ ନେଇ ଦିଗପହଣ୍ଡି ଥାନା ଅନ୍ତର୍ଗତ ୨ ଗ୍ରାମବାସୀଙ୍କ ମଧ୍ୟରେ ୪ ଦିନ ଧରି ବିବାଦ ଲାଗି ରହିଥିଲା। ମଙ୍ଗଳବାର ଥାନାରେ ଏହାର ଆପୋଷ ସମାଧାନ କରାଯାଇଛି। ଜଣେ ଯୁବକ ଅନ୍ୟ ଏକ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିବାରୁ ତାଙ୍କ ଘର ଆଗରେ ବୁଲାବୁଲି କରିଥାନ୍ତି। ଯୁବତୀଙ୍କ ଗାଁର କେତେକ ଲୋକ ଏହାକୁ ବିରୋଧ କରୁଥିଲେ। ଶନିବାର ସେମାନେ ଯୁବକଙ୍କୁ ଅଟକାଇ ଗାଳି ଗୁଲଜ କରିବା ସହ ଚେତାବନୀ ଦେଇଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଯୁବକ ଜଣକ ଗାଁର କେତେକ ଯୁବକଙ୍କ ସହ ଯୁବତୀଙ୍କ ଗାଁକୁ ଯାଇ ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଉଭୟ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଉଭୟ ଗାଁ ମୁଖିଆ ଏଥିରେ ହସ୍ତକ୍ଷେପ କରି ଘଟଣାର ସମାଧାନ କରିଥିଲେ। ରବିବାର ଯୁବତୀଙ୍କ ଗାଁର କିଛି ବ୍ୟକ୍ତି ଦିଗପହଣ୍ଡିରୁ ଫେରୁଥିବା ବେଳେ ସୂର୍ଯ୍ୟନଗର ନିକଟରେ ଯୁବକଙ୍କ ଗାଁର କିଛିବ୍ୟକ୍ତି ଆକ୍ରମଣ ପାଇଁ ଗୋଡାଇଥିଲେ। ସକାଳେ ଉଭୟ ଗାଁର ମୁଖିଆମାନେ ଶାନ୍ତି କମିଟି ଗଠନ କରିଥିଲେ । ଭବିଷ୍ୟତରେ କୌଣସି ପକ୍ଷ ବିଶୃଙ୍ଖଳା ପାଇଁ ଉଦ୍ୟମ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି (ଡି.ଏନ୍.ଏ.)/ ପାଟପୁର, ୧୯।୯:

ସାନଖେମୁଣ୍ଡି ବ୍ଲକ ଭାଲିଆଝୋଳା ଗାଁର ଏକ କୂଅରୁ ସୋମବାର ରାତି ୮ ଟାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗାଁର ବିଜୁଳି ନାୟକ। କୂଅକୁ ପାଣି ଆଣିବାକୁ ଯାଇଥିବାବେଳେ ଅସାବଧାନତା କାରଣରୁ ବିଜୁଳି କୂଅକୁ ଗଳି ପଡ଼ିଥିଲେ। ପାଖରେ ଥିବା ଲୋକେ ଘଟଣା ସମ୍ପର୍କରେ ଦିଗପହଣ୍ଡି ଦମକଳ କେନ୍ଦ୍ରକୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ, ହାବିଲଦାର ରାଜେନ୍ଦ୍ର ନାରାୟଣ ଦାସ ପ୍ରମୁଖ ସଦଳବଳ ପହଞ୍ଚିଥିଲେ। ଅଗ୍ନିକ ଦୁଷ୍ମନ୍ତ ମାଝି ୩୦ ଫୁଟ ଗଭୀର କୂଅରେ ପଶି ବିଜୁଳିଙ୍କୁ ବାହାରକୁ ଆଣିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




■ ଜିଲା ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

# ଡିଏଲ୍‌ଓଙ୍କୁ ନିଯୁକ୍ତି, ବକେୟା ସହାୟତା ପ୍ରଦାନ ଦାବି



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ସଂଘର ସଦସ୍ୟମାନେ।

ରାୟଗଡ଼ା ଅଫିସ,୧୯।୧୧

ରାୟଗଡ଼ା ଜିଲା ପଞ୍ଜୀକୃତ ନିର୍ମାଣ ଶ୍ରମିକ ମାନଙ୍କ ପ୍ରତି ଅବହେଳା କରାଯାଉଥିବା ଜିଲା ନିର୍ମାଣ ଶ୍ରମିକ ସଂଘ ଅଭିଯୋଗ କରିଛି। ଏ ନେଇ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲାରେ ୬୦ହଜାର ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଶ୍ରମିକ ସଙ୍ଗଠନ ସହଯୋଗରେ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ୨୦୦୯ ମସିହାରୁ ଶ୍ରମିକମାନେ ପଞ୍ଜୀକୃତ ହେଉଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେମାନେ ସହାୟତା ପାଇନାହାନ୍ତି। ସେଥିମଧ୍ୟରୁ କେତେକ ଶ୍ରମିକଙ୍କ ମୃତ୍ୟୁ ମଧ୍ୟ ଘଟିଥିବା ଜଣାପଡ଼ିଛି। ତେଣୁ ପଞ୍ଜୀକୃତ ଶ୍ରମିକମାନଙ୍କୁ ବକେୟା ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି। ସେହିପରି ବାହାର ରାଜ୍ୟକୁ ଯାଉଥିବା ସମସ୍ତ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ଦାବି କରିଛନ୍ତି। ଏଠାରେ ଦାୟିତ୍ୱରେ ଥିବା ଡିଏଲ୍‌ସି ରାୟଗଡ଼ା ଜିଲା ସମେତ ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର ମଧ ଦାୟିତ୍ୱ ତୁଲାଉଛନ୍ତି। ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲେ ମଧ ଦୀର୍ଘ ୨ବର୍ଷ ମଧ୍ୟରେ କୌଣସି ସୁଫଳ ମିଳି ନ ଥିବା ସଂଘ ଅଭିଯୋଗ ହୋଇଛି। ସେହିପରି ରାୟଗଡ଼ା ଡିଏଲ୍‌ଓଙ୍କୁ ଦୀର୍ଘ ଦିନ ହେଲା ଡ଼େପୁଟେସନ୍‌ରେ ପଠାଇବା ଯୋଗୁ ଜିଲାର ନିର୍ମାଣ ଶ୍ରମିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ଜିଲାରେ ଡ଼ିଏଲ୍‌ଓଙ୍କୁ ନିଯୁକ୍ତ କରିବା ପାଇଁ ସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ ବୋଲି ଚେତାବନୀ ଦିଆଯାଇଛି। ଶ୍ରମିକମାନଙ୍କ ବିଭିନ୍ନ ସହାୟତା ରାଶି ବକେୟା ରହଥିବା ଯୋଗୁ ସଂଘ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି। ଏହାସହ ୧୪ ଦିନ ମଧ୍ୟରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଶ୍ରମିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ସଂଘର ସଦସ୍ୟମାନେ ଜିଲାପାଳଙ୍କ ଡାକ ସହାୟତାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର ସଭାପତି ନିରଞ୍ଜନ ପାତ୍ର, ଉପସଭାପତି ଗଣେଶ୍ୱର ହମିରିକା , ସାଧାରଣ ସମ୍ପାଦନ ଅରୁଣ କୁମାର ଲେଙ୍କା, ପରିଚାଳକ ସମ୍ପାଦକ ଅନିଲ କୁମାର ମହାପାତ୍ର , କୋଅର୍ଡ଼ିନେଟର ରୁନା କୁମାର ନାୟକଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ ।

# ରାସ୍ତାରେ ଭାସୁଛି ନର୍ଦ୍ଦମାପାଣି

ଗୁଣପୁର,୧୯।୧୧(ଡି.ଏନ.ଏ)- ରାୟଗଡ଼ା ଜିଲା ପୁରୁଣା ଗୁଣପୁର ରାସ୍ତାରେ ନାଳ ନର୍ଦ୍ଦମା ପାଣି ଭାସୁଛି। ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ପୁରୁଣା ଗୁଣପୁରଠାରେ ଜଗନ୍ନାଥ ମନ୍ଦିର ରହିଥିବାବେଳେ ଏହି ରାସ୍ତାଦେଇ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯିବା ସମୟରେ ଆବର୍ଜନା ପାଣି ଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ହେଲେ ପୂର୍ତ୍ତ ବିଭାଗ ଏବଂ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ପ୍ରକାଶ ଯେ, ବଳରାମନଗର, ମରାଠିଗୁଡା, ମୋତିଲାଲନଗର, ଶାନ୍ତିନଗର, ଅସ୍ଥାୟୀ କଲୋନି ସମେତ ଅନ୍ୟ ଅଞ୍ଚଳରୁ ଶ୍ରଦ୍ଧାଳୁ ପୁରୁଣା ଗୁଣପୁର ଦେଇ ମନ୍ଦିରକୁ ଯାଇଥାନ୍ତି। ପାରଳାଖେମୁଣ୍ଡି-ରାୟଗଡା-ଗୁଣପୁର ବାଇପାସ୍ ରାସ୍ତା ପୁରୁଣା ଗୁଣପୁରଠାରେ ନାଳ ନ ଥିବାରୁ ଆବର୍ଜନା ପାଣି ରାସ୍ତାରେ ଭାସୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ସୃଷ୍ଟି ହେଉଛି। ଦୀର୍ଘ ବର୍ଷ ଧରି ଏପରି ସମସ୍ୟା ଲାଗିରହିଥିଲେ ମଧ୍ୟ ଏଥିପ୍ରତି ପୌର ପ୍ରଶାସନର ନଜର ନାହିଁ। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଡ୍ରେନ୍ ନିର୍ମାଣ ପାଇଁ ଦାବି ହେଉଛି।



ମୁଖ୍ୟରାସ୍ତାରେ ଆବର୍ଜନା ପାଣି ଭାସୁଛି।

# ଖିଲାମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରରେ ପୁରସ୍କୃତ

ପଦ୍ମପୁର,୧୯।୧୧(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ରେ ଦଳଗତ ନୃତ୍ୟକଳା ପ୍ରଦର୍ଶନ କରି ଖିଲାମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟସ୍ଥାନ ଅଧିକାର କରିଛି। ଜିଲା ଓ ବ୍ଲକସ୍ତରରେ ପ୍ରଥମ ହେବା ପରେ ବିଦ୍ୟାଳୟର ନୃତ୍ୟଶିଳ୍ପୀମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଓ ଶାସନ ସଚିବ ଚିତ୍ରା ଅରୁଣମ୍ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସୁନ୍ଦର ନୃତ୍ୟ ପ୍ରଦର୍ଶନ ପାଇଁ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ନମିତା ଶବର, ମନୀଷା ଶବର, କୁସୁମ ଶବର, ମୋନଲିସା ଶବର, ଶ୍ରାବଣୀ ଶବର ଓ ପୁଷ୍ପଲତା ଜାଗରଙ୍ଗାଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ-୨୦୧୯ରେ ମଧ ଏହି ବିଦ୍ୟାଳୟର ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛି। ବରିଷ୍ଠ ସଙ୍ଗୀତ ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଭବାନୀ ଶବର ଓ କନିଷ୍ଠ ବର୍ଗର ଏକକ ନୃତ୍ୟ ପ୍ରତିଯୋଗିତାରେ ୭ମ ଶ୍ରେଣୀ ଛାତ୍ରୀ ନନ୍ଦିନୀ ଶବର ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମର ସ୍କୁଲ୍‌ର କ୍ରୀଡ଼ା ଶିକ୍ଷକ ମନୋଜ କୁମାର ତୁଳ ଏବଂ ଶିକ୍ଷୟିତ୍ରୀ ଝୁନୁ ମିଶ୍ର ଦାୟିତ୍ୱ ତୁଲାଇଥିବାବେଳେ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଶିକ୍ଷକ ଡମ୍ବରୁଧର ତ୍ରିପାଠୀ ଓ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ରଥ ଦାୟିତ୍ୱ ତୁଲାଇଥିଲେ। ଛାତ୍ରୀମାନଙ୍କ ସଫଳତା ପାଇଁ ପ୍ରଧାନ ଶିକ୍ଷକ ଭୀମ ନିମାଲ୍ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିମାନେ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

**GANGADHAR MEHER UNIVERSITY, SAMBALPUR**

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR,**
**G.M. University, Sambalpur**

ଆଇଟିଏଫ୍‌ର ଅନ୍ୟାୟ ଓ ଅନୁଚିତ ନିଷ୍ପତ୍ତିକୁ ମୁଁ ବିରୋଧ କରିବି। ପାକିସ୍ତାନ ବାହାରେ ମ୍ୟାଚ୍ ହେଲେ ମୁଁ ଅଂଶଗ୍ରହଣ କରିବି ନାହିଁ ।
—ଐସମ ଉଲ ହକ୍ କୁରେଶି, ପାକିସ୍ତାନ ଟେନିସ ଖେଳାଳି



ପିଙ୍କ୍ ବଲର ସିମ୍ ଧରିବା କଷ୍ଟକର ହେବ। ଏଥିଯୋଗୁ ରିଷ୍ଟ ସ୍ପିନରମାନେ ଟିକେ ଫାଇଦାରେ ରହିବେ ।
—ହରଭଜନ ସିଂ, ଭାରତୀୟ ଭେଟେରାନ୍ ସ୍ପିନର



## ସଂକ୍ଷେପରେ

### ଲିନ୍‌ଙ୍କ ରେକର୍ଡ



**ଆବୁଧାବି,୧୯।୧୧:** ଆବୁଧାବିରେ ଟି୧୦ ଲିଗ୍‌ର ତୃତୀୟ ସଂସ୍କରଣ ଏବେ ଖେଳାଯାଉଛି। ଏହି ଲିଗ୍‌ରେ ଅଷ୍ଟ୍ରେଲିଆ ଓପନର କ୍ରିସ ଲିନ ମରାଠା ଆରବିୟାନ୍ସ ପାଇଁ ଖେଳୁଛନ୍ତି। ସୋମବାର ଲିନ ବିସ୍ଫୋରକ ବ୍ୟାଟିଂ କରି ରେକର୍ଡ ଭଙ୍ଗ କରିଛନ୍ତି। ଟିମ୍ ଆବୁ ଧାବି ବିପକ୍ଷ ମ୍ୟାଚ୍‌ରେ ସେ ୩୦ ବଲରୁ ୯୧ ରନ୍ କରିଥିଲେ। ଏହା ଟି୧୦ ଫର୍ମାଟ ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ରେକର୍ଡ ଇନିଂସରେ ୯ ଚୌକା ଓ ୭ ଛକା ସାମିଲ ଥିଲା। ସେ କେବଳ ବାଉଣ୍ଡ୍ରିରେ ୭୮ ରନ୍ କରିଥିଲେ। ଏଥିଯୋଗୁ ଆରବିୟାନ୍ସ ଦଳ ଧାର୍ଯ୍ୟ ୧୦ ଓଭରରେ ୨ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଜବାବରେ ଆବୁ ଧାବି ଦଳ ୩ ଉଇକେଟ ହରାଇ ୧୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମରାଠା ଆରବିୟାନ୍ସ ଦଳ ୨୪ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ଏଥିପୂର୍ବରୁ ଏହି ଛୋଟିଆ ଫର୍ମାଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ସେ ଗତ ସିଜନରେ ୩୨ ବଲରେ ୮୭ ରନ୍ କରିଥିଲା। ଉଲ୍ଲେଖଥାଉ କି, ଆଇପିଏଲରେ କେକେଆର ପାଇଁ ୪୧ ମ୍ୟାଚ୍ ଖେଳିଥିବା ଲିନ ୧୪୦ ଷ୍ଟ୍ରାଇକ ରେଟ୍‌ରେ ୧୨୮୦ ରନ୍ କରିଛନ୍ତି। ସେ ଡିସେମ୍ବର ୨୦ ତାରିଖରେ ଆଇପିଏଲ ଖେଳାଳିଙ୍କ ନିଲାମ ପ୍ରକ୍ରିୟାର ସମ୍ମୁଖୀନ ହେବେ।

### ଅମ୍ପାୟରଙ୍କ ତ୍ରୁଟି ଯୋଗୁ ବ୍ୟାଟ୍ସମ୍ୟାନଙ୍କ ଜୀବନ ଗଲା

**ହାଇଦ୍ରାବାଦ,୧୯।୧୧:** କ୍ରିକେଟରେ ଅମ୍ପାୟରଙ୍କ ତ୍ରୁଟି କରିବା କିଛି ନୂଆ କଥା ନୁହେଁ। ମାତ୍ର ଅମ୍ପାୟର ତ୍ରୁଟି ଯୋଗୁ ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଏତେ ବିଚଳିତ ହୋଇ ଉଠିଥିଲେ ଯେ, ତାଙ୍କୁ ହୃଦ୍‌ଘାତ ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫଳରେ ଉକ୍ତ ଖେଳାଳିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ହାଇଦ୍ରାବାଦରେ କ୍ଲବ ସ୍ତରୀୟ ମ୍ୟାଚ୍‌ବେଳେ ଘଟିଛି। ଏହି ଦୁଃଖଦ ଘଟଣା କ୍ରିକେଟ ପ୍ରଶଂସକଙ୍କୁ ଚକିତ କରି ଦେଇଛି। ୪୧ ବର୍ଷୀୟ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ନାୟକ ଜବରଦସ୍ତ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। କିନ୍ତୁ କିଛି ସମୟ ପରେ ଅମ୍ପାୟରଙ୍କ ଭୁଲ ନିଷ୍ପତ୍ତିର ଶୀକାର ହୋଇ ସେ ଆଉଟ ହୋଇଥିଲେ। ବିରକ୍ତ ହୋଇ ସେ ପ୍ୟାଭିଲିଅନ ଫେରିଗଲେ। ସେଠାରେ ତାଙ୍କୁ ଆଟାକ ଆସିଥିଲା। ଗଣମାଧ୍ୟମରେ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁଯାୟୀ, ୬୬ ରନ୍ କରି ଖେଳୁଥିବାବେଳେ ନାୟକଙ୍କୁ ଆଉଟ୍ ଦେଇଥିଲେ ଅମ୍ପାୟର। ହେଲେ ବଲ ତାଙ୍କ ବ୍ୟାଟରେ ନୁହେଁ ଅନ୍ୟ କୌଣସି ସାଉଣ୍ଡ ଯୋଗୁ କ୍ୟାଚ୍ ଆଉଟ ଦିଆଯାଇଥିଲା।

# ନୁର-ସୁଲତାନରେ ଇଣ୍ଡୋ-ପାକ୍ ମୁକାବିଲା

**ନୂଆଦିଲ୍ଲୀ,୧୯।୧୧ (ପି.ଟି.)**

ପାକିସ୍ତାନର ରିଭ୍ୟୁ ଅପିଲକୁ ପ୍ରତ୍ୟାଖ୍ୟାନ କରିଛି ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍)। ଅନ୍ୟପଟେ ଆଇଟିଏଫ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଅୟୋଜନ ହେବାକୁ ଥିବା ଡେଭିସ୍ କପ୍ ଟାଇ ପାଇଁ ଏକ ନିରପେକ୍ଷ ଭେନ୍ୟୁର ନାମ ଘୋଷଣା କରିଛି। ଏହି ବିବାଦୀୟ ତଥା ବହୁଚର୍ଚ୍ଚିତ ମ୍ୟାଚ୍ କାଜାଖସ୍ତାନର ରାଜଧାନୀ ନୁର-ସୁଲତାନରେ ଆୟୋଜନ ହେବ ବୋଲି ଆଇଟିଏଫ୍ ମଙ୍ଗଳବାର ସ୍ପଷ୍ଟ କରିଛି।

ଏହ ପୂର୍ବରୁ ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ଗତ ୪ ତାରିଖରେ ଡେଭିସ୍ କପ୍ ମ୍ୟାଚ୍‌କୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରିବା ନେଇ ଆଇଟିଏଫ୍‌ର ନିଷ୍ପତ୍ତି ବିରୋଧରେ ରିଭ୍ୟୁ ଅପିଲ୍ କରିଥିଲା। ଏହି ମ୍ୟାଚ୍ ଆସନ୍ତା ୨୯ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବ। ଯଦି ଭାରତୀୟ ତୀର୍ଥଯାତ୍ରୀ ବିନା ସୁରକ୍ଷା ଭୟରେ ପାକିସ୍ତାନ ଯାତ୍ରା କରିପାରୁଛନ୍ତି, ତାହାଲେ ଭାରତୀୟ ଦଳ କାହିଁକି ଇସ୍‌ଲାମାବାଦ୍‌ରେ ମ୍ୟାଚ୍ ଖେଳିବ ନାହିଁ ବୋଲି ପିଟିଏଫ୍ ଯୁକ୍ତି ବାଢ଼ିଥିଲା। ତେବେ ଆଇଟିଏଫ୍ ଟ୍ରିବ୍ୟୁନାଲ ଏହାକୁ ଶେଷରେ ପ୍ରତ୍ୟାଖ୍ୟାନ କରିଛି। ପୁଣି ପାକିସ୍ତାନ କୌଣସି ନିରପେକ୍ଷ ଭେନ୍ୟୁ ନେଇ ପ୍ରସ୍ତାବ ଦେଇନାହିଁ। ଫଳରେ ନୁର-ସୁଲତାନକୁ ଭେନ୍ୟୁ ରୂପେ ଚୟନ କରାଗଲା ବୋଲି ଆଇଟିଏଫ୍ କହିଛି। ଅତ୍ୟଧିକ ଥଣ୍ଡା କାରଣରୁ ମ୍ୟାଚ୍‌ଗୁଡିକ ଇନ୍‌ଡୋର କୋର୍ଟରେ ଖେଳାଯିବ। ଇନ୍‌ଡୋର ପରିବେଶ ଆମ ଖେଳାଳିଙ୍କୁ ସୁହାଇବ। ଏହା ଦ୍ୱାରା କେବଳ ଗ୍ରାସ୍ କୋର୍ଟ ନୁହେଁ ହାର୍ଡ କୋର୍ଟରେ ମଧ୍ୟ ଆମ ଖେଳାଳିମାନେ ଭଲ ଖେଳିପାରିବେ ବୋଲି ଭାରତୀୟ କୋଚ୍ ଜଶାନ ଅଲି କହିଛନ୍ତି। ଇନ୍‌ଡୋରରେ ଖେଳିଲେ ମଧ୍ୟ ଥଣ୍ଡା ପରିବେଶ ଦ୍ୱାରା ଆମ ଖେଳାଳିଙ୍କ ଶରୀର ପ୍ରଭାବିତ ହେବ ନାହିଁ ବୋଲି ସେ କହିଛନ୍ତି। ଏହା ଦ୍ୱାରା କ୍ୱାଲିଟି ଟେନିସ ଦେଖିବାକୁ ମିଳିବ। କାରଣ ଇନ୍‌ଡୋରରେ ଖେଳିଲେ ସୂର୍ଯ୍ୟ କିରଣ ଓ ପବନ ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଏହି ମ୍ୟାଚ୍ ଇସ୍‌ଲାମାବାଦ୍‌ରେ ପ୍ରଥମେ ସେପ୍ଟେମ୍ବରରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ପାକିସ୍ତାନରେ ସୁରକ୍ଷା ନେଇ ଆପତ୍ତି ଉଠାଇବାରୁ ଏହାକୁ ନଭେମ୍ବର ୨୯-୩୦ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏହି ଡେଭିସ୍ କପ୍ ଟାଇ ପାଇଁ ଭାରତ ଏକ ପୂର୍ଣ୍ଣ କ୍ଷମତାସମ୍ପନ୍ନ ଦଳ ଘୋଷଣା କରିଛି। ଇସ୍‌ଲାମାବାଦରେ ଖେଳିବାକୁ ଭାରତୀୟ ଖେଳାଳିମାନେ ଅନିଚ୍ଛା ପ୍ରକାଶ କରିବା ସହ ନିରପେକ୍ଷ ଭେନ୍ୟୁରେ ଖେଳିବା ପାଇଁ ସମ୍ମତି ଜଣାଇଥିଲେ। ଦୁଇ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଓ ରାମକୁମାର ରମାନାଥନ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେହିପରି ଅଭିଜ୍ଞ ଲିଆଣ୍ଡର ପେସ ଓ ଜୀବନ ନେଦୁଞ୍ଚେଝିଆନ୍ ଡବଲ୍ସ ପାର୍ଟନର ହିସାବରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। କାନ୍ଧରେ ଆଘାତ ସମସ୍ୟା କାରଣରୁ ଶ୍ରେଷ୍ଠ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଏହି ଟାଇରୁ ଓହରିଯାଇଛନ୍ତି। ଅନ୍ୟପଟେ ଯଦି ଟାଇ ସ୍ଥାନାନ୍ତର ହୁଏ ତେବେ ପାକିସ୍ତାନର ଶ୍ରେଷ୍ଠ ଟେନିସ ଖେଳାଳି ଐସାମ-ଉଲ -ହକ କୁରେସି ଏଥିରୁ ଓହରିଯିବେ ବୋଲି ଧମକ ଦେଇଛନ୍ତି। ତେବେ ଏ ନେଇ ଆମର କିଛି କରିବାର ନାହିଁ ବୋଲି ଜଶାନ କହିଛନ୍ତି।



**ଜନ୍ମଦିନ ଶୁଭେଚ୍ଛା**



Debasmita Panda (Shree)
କଙ୍କାଳୁ, ଢ଼େଙ୍କାନାଳ
ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ତଥା ତୋର ଚଲାପଥକୁ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଇ, ପିଉସୀ, ପିଉସା, କକା, ସୁପାଲି, ଦିପାଲି ତଥା ପରିବାରବର୍ଗ ।
ଧ-୬୮୬୧୧

**Marriage Wish**



Bikash (Viky)
&
Sushmita (Ranu)
May Shree Jagannath Mahaprabhu shower his choicest blessings upon you....
With best compliments from friends and relatives....
D-15316

# କଳିଙ୍ଗ ଷ୍ଟାଡିୟମରେ କମଲ ହାସନ



କମଲ ହାସନ (ବାମରୁ ଦ୍ୱିତୀୟ)ଙ୍କୁ ଓଡ଼ିଶା ଏଫ୍‌ସି ଜର୍ସି ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ସମ୍ପ୍ରତି ଓଡ଼ିଶା ଗସ୍ତରେଥିବା ବଲିଉଡ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ କମଲ ହାସନ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଷ୍ଟାଡିୟମରେ ଉପଲବ୍ଧ ସୁବିଧା ସୁଯୋଗ ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମି ଦେଖି ସେ ଅଭିଭୂତ ହୋଇଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ଷ୍ଟାଡିୟମ ପରିଦର୍ଶନ ଅବସରରେ କମଲ ଓଡ଼ିଶା ଏଫସି ଖେଳାଳିଙ୍କ ସହିତ ମିଶିଥିଲେ। ଓଡ଼ିଶା ଏଫସି ପକ୍ଷରୁ ତାଙ୍କୁ ଏକ ଜର୍ସି ଉପହାରଭାବେ ପ୍ରଦାନ କରାଯାଇଥିଲା। ଏହାପରେ ସେ ହକି କମ୍ପ୍ଲେକ୍ସକୁ ଯାଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ସେଠାରେ ମଧ୍ୟ ତାଙ୍କୁ ଭାରତୀୟ ଦଳର ଏକ ଜର୍ସି ପ୍ରଦାନ କରାଯାଇଥିଲା। ପରେ ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ, ତାରକା ଗୋଲକିପର ପି.ଆର. ଶ୍ରୀଜେଶ ପ୍ରମୁଖ ତାଙ୍କ ସହ ଫଟୋ ଉଠାଇଥିଲେ। ଆଗାମୀ ଦିନରେ ହେବାକୁଥିବା ଟୁର୍ନାମେଣ୍ଟ ପାଇଁ ଖେଳାଳିମାନଙ୍କୁ କମଲ ଶୁଭେଚ୍ଛା ଜଣାଇଥିଲେ।

# ୨୦୨୦ ଅଲିମ୍ପିକ୍ସରୁ ୩ ଅଷ୍ଟ୍ରେଲୀୟ ଫୁଟବଲର ବାଦ୍

**ସିଡ୍‌ନୀ, ୧୯।୧୧ (ଏଏଫ୍‌ପି)**

ଅଷ୍ଟ୍ରେଲିଆର ୩ଜଣ ୨୩ ବର୍ଷରୁ କମ୍ ଫୁଟବଲର ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। କାମ୍ବୋଡିଆରେ ଜଣେ ମହିଳା ଏମାନଙ୍କ ବିରୋଧରେ ଅଭିଯୋଗ ଆଣିବାରୁ ଆସନ୍ତାବର୍ଷ ଅଗଷ୍ଟ ପର୍ଯ୍ୟନ୍ତ ଏମାନଙ୍କୁ ବାସନ୍ଦ କରାଯାଇଛି। ଫଳରେ ଏମାନେ ସ୍ୱତଃ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। ଏହି ୩ଜଣ ଫୁଟବଲର ହେଲେ ନାଥାନିଏଲ ଅଟକିନ୍‌ସନ, ଲାଚଲାନ ୱେଲ୍ସ ଓ ବ୍ରାଣ୍ଡନ ୱିଲସନ। ଗତ ମାର୍ଚ୍ଚରେ କାମ୍ବୋଡିଆରେ ଏଏଫ୍‌ସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ଖେଳିବା ଅବସରରେ ଏହି ୩ ଖେଳାଳି ଆଚରଣବିଧି ଉଲ୍ଲଂଘନ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଣ ପେସାଦାର ଆଚରଣ ପ୍ରଦର୍ଶନ କରିଥିବାରୁ ଏମାନଙ୍କୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଦଳରୁ ବାସନ୍ଦ କରାଯାଇଛି। ସେହିପରି ରିଲେ ମ୍ୟାକ- ଗ୍ରୀ ନାମକ ଆଉ ଜଣେ ଫୁଟବଲରଙ୍କୁ ଏପ୍ରିଲ ୧' ତାରିଖ ପର୍ଯ୍ୟନ୍ତ ବାସନ୍ଦ କରାଯାଇଛି ବୋଲି ଫୁଟବଲ ଫେଡେରେଶନ ଅଫ୍ ଅଷ୍ଟ୍ରେଲିଆ (ଏଫ୍‌ଏଫ୍‌ଏ) ତରଫରୁ କୁହାଯାଇଛି। ଏହି ଖେଳାଳିମାନଙ୍କ ବିରୋଧରେ ଜଣେ ମହିଳା ଅସଦ୍ ଆଚରଣ ପ୍ରଦର୍ଶନ କରିବା ନେଇ ଅଭିଯୋଗ ଆଣିଥିଲେ। ଏ ସଂକ୍ରାନ୍ତରେ ଅଧିକ କିଛି ତଥ୍ୟ ମିଳନାହିଁ। ସମ୍ମାନ ଓ ଦାୟିତ୍ୱବୋଧତା ନେଇ କୌଣସି ବୁଝାମଣା କରାଯିବ ନାହିଁ ବୋଲି ଏଫ୍‌ଏଫ୍‌ଏ ତରଫରୁ କୁହାଯାଇଛି। ତେବେ ବାସନ୍ଦାଦେଶ ବିରୋଧରେ ଅପିଲ କରିବାର ଅଧିକାର ଖେଳାଳିଙ୍କର ରହିଛି ବୋଲି ଏଫ୍‌ଏଫ୍‌ଏ କହିଛି।

# ବାରବାଟୀ ଫ୍ଲଡ୍‌ଲାଇଟ୍ ମରାମତି ଆରମ୍ଭ

**କଟକ ଅଫିସ,୧୯।୧୧**



ଡିସେମ୍ବର ୨୨ରେ ହେବାକୁ ଥିବା ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପ୍ରସ୍ତୁତି ଆରମ୍ଭ କରିଛି। ସୋମବାର 'ଦେବ ମସ୍କୋ' ଟିମ୍ ଫ୍ଲଡ୍‌ଲାଇଟ୍ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ମରାମତି କରୁଥିବା ଉକ୍ତ ଟିମ୍‌ର ମାଲିକ ହେଉଛନ୍ତି କିମ୍ବଦନ୍ତୀ କ୍ରିକେଟର କପିଳ ଦେବ। ଯଥାଶୀଘ୍ର ଏହି ଟିମ୍ ଫ୍ଲଡଲାଇଟ୍ ମରାମତି ଶେଷ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଫନୀ ଝଡ଼ରେ ଷ୍ଟାଡିୟମର ୮ଟି ଯାକ ଫ୍ଲଡଲାଇଟ୍ କ୍ଷତିଗ୍ରସ୍ତ ହୋଇଛି।

# ୨୦୧୯-୨୦ ଆଇ-ଲିଗ୍ କାର୍ଯ୍ୟସୂଚୀ ଘୋଷଣା

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ମଙ୍ଗଳବାର ୨୦୧୯-୨୦ ସିଜନ ଲାଗି ଆଇ ଲିଗ୍ କାର୍ଯ୍ୟସୂଚୀ ଘୋଷଣା କରିଛି। ଚଳିତ ମାସ ୩୦ ତାରିଖରେ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିୟନ ମୋହନ ବାଗାନ ଓ ଆଇଜଲ ଏଫ୍‌ସି ମଧ୍ୟରେ ମିଜୋରାମର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ମୁକାବିଲା ହେବ। ନିକଟରେ ଲିଗ୍‌ର ପ୍ରସାରଣ ଅଧିକାର ଡିସ୍ପୋର୍ଟକୁ ଦିଆଯାଇଥିବା ଏଆଇଏଫ୍‌ଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ବୋର୍ଡର ଏହି ପଦକ୍ଷେପକୁ ବହୁ କ୍ଲବ ସମର୍ଥନ କରିଥିଲେ। ମାର୍କେଟିଂ ପାର୍ଟନର ଏଫ୍‌ଏସ୍‌ଡିଏଲ, ପ୍ରସାରଣକାରୀ ସଂସ୍ଥା ଡିସ୍ପୋର୍ଟ ଓ ପ୍ରତିଯୋଗିତାର ସମସ୍ତ ଦଳ ସହ ଆଲୋଚନା କ୍ରମେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ବୋଲି ହିରୋ ଆଇ ଲିଗ୍ ସିଇଓ ସୁନାନ୍ଦୋ ଧରି କହିଛନ୍ତି। ଲିଗ୍‌ର ସମସ୍ତ ମ୍ୟାଚ୍ ଅପରାହ୍ନ ୨ଟା, ୫ଟା ଓ ସନ୍ଧ୍ୟା ୭ଟାରେ ଖେଳାଯିବ। ମୁଁ ନିଶ୍ଚିତ ଅଛି, ଏହା ସମସ୍ତ କ୍ଲବକୁ ଖୁସି କରିଥିବ। ସବୁଥର ଭଳି ଏଥର ମଧ୍ୟ ଆମେ ଭଲ ସିଜନ ହେବ ବୋଲି ଆଶା କରୁଛୁ। ଅଂଶଗ୍ରହଣକାରୀ ସମସ୍ତ କ୍ଲବକୁ ଶୁଭକାମନା ଦେଉଛି ବୋଲି ସେ କହିଛନ୍ତି।

# ରଜତଙ୍କ ପୁନଃ ଅବସ୍ଥାନ ନେଇ ଓମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଅଧ୍ୟକ୍ଷ ହିସାବରେ ବରିଷ୍ଠ ପତ୍ରକାର ରଜତ ଶର୍ମାଙ୍କ ପୁନଃ ଅବସ୍ଥାନ ନେଇ ଓମ୍ବୁଡ୍ସମ୍ୟାନ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଆପେକ୍ସ କାଉନସିଲ ପ୍ରତ୍ୟାଖାନ କରିଛି। ରଜତ ଶନିବାର ଡିଡିସିଏ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଚାପରେ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ସେ ପଦ ଛାଡିଥିଲେ। ତେବେ ଡିଡିସିଏ ଓମ୍ବୁଡ୍ସମ୍ୟାନ ରବିବାର ରଜତଙ୍କ ଇସ୍ତଫାକୁ ଗ୍ରହଣ କରି ନ ଥିଲେ ଓ ତାଙ୍କୁ ପୁଣି ପଦ ସମ୍ଭାଳିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସେ ଆସନ୍ତା ୨୭ ତାରିଖରେ ଏ ନେଇ ଔପଚାରିକ ଭାବେ ଶୁଣାଣି କରିବାକୁ ସମ୍ମତି ପ୍ରକାଶ କରିଥିଲେ। ତେବେ ତାଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇ ନ ଥିଲା। ଆପେକ୍ସ କାଉନସିଲର ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୯ ଜଣ ବିଭିନ୍ନ କାରଣ ଦର୍ଶାଇ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆପଣଙ୍କ ପୁନଃ ଯୋଗଦାନ କୌଣସି କାମକୁ ନୁହଁ ବୋଲି କାଉନସିଲ ରଜତଙ୍କୁ ଚିଠି ଲେଖି ଜଣାଇଛି। ଉଲ୍ଲେଖଥାଉ କି, ରଜତ ଶର୍ମାଙ୍କ ସହିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ଦୁଇ ସଦସ୍ୟ ସୁନୀଲ ଭାଲସନ ଓ ଯଶପାଲ ଶର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ରବି ଚୋପ୍ରା ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ଚୋପ୍ରା ସୋମବାର କାର୍ଯ୍ୟରେ ପୁଣି ଯୋଗ ଦେଇଥିଲେ।

# ଓଡ଼ିଶା ଏଫ୍‌ସିର କୋଚ୍ ଏଡୁକେଶନ କର୍ମଶାଳା

**ଭୁବନେଶ୍ୱର, ୧୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ଓଡ଼ିଶା ଏଫ୍‌ସି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏକ କ୍ୟୁରେଟେଡ କୋଚ୍ ଏଡୁକେଶନ ୱାର୍କଶପ୍ ଆୟୋଜନ କରିଛି। ସ୍ଥାନୀୟ କୋଚ୍‌ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏହି ୱାର୍କଶପ୍‌କୁ କ୍ଲବର ମୁଖ୍ୟ କୋଚ୍ ଜୋସେଫ୍ ଗାମ୍ବାଉ ଓ ସହକାରୀ କୋଚ୍ ଥାଙ୍ଗବୋଇ ଶିଙ୍ଗଟୋ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୧ଜଣ କୋଚ୍ ଏଥିରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶାରେ କୁନି ଫୁଟବଲ ପ୍ରତିଭାମାନଙ୍କ ସହିତ କାର୍ଯ୍ୟକରୁଥିବା ସ୍ଥାନୀୟ କୋଚ୍‌ମାନଙ୍କୁ ଆମେ ସାହାଯ୍ୟ ସହଯୋଗ କରିବାକୁ ଚାହୁଁଛୁ ବୋଲି ଗାମ୍ବାଉ କହିଛନ୍ତି। ଏହାଦ୍ୱାରା ଏହି ଫୁଟବଲ ପ୍ରତିଭାଙ୍କର ବିକାଶ ହୋଇପାରିବ ଓ ଏମାନେ ଯୁବାବସ୍ଥାରେ ଜଣେ ଜଣେ ବିକଶିତ ଫୁଟବଲର ହୋଇପାରିବେ। ପିଲାମାନେ ହେଉଛନ୍ତି ଏଫ୍‌ସି ଓ ଭାରତୀୟ ଫୁଟବଲ ଦଳ ଭବିଷ୍ୟତ। ଏହି ୱାର୍କଶପ୍ ରାଜ୍ୟ, ଓଡ଼ିଶା ପାଇଁ ହିତକର ବୋଲି ସେ କହିଛନ୍ତି।



ୱାର୍କଶପ୍‌ରେ ଯୋଗଦେଇଥିବା କୋଚ୍‌ମାନେ।

ଷ୍ଟାଡିୟମରେ ସିନିୟର ଦଳର ଅଭ୍ୟାସ ଦେଖି ସ୍ଥାନୀୟ କୋଚ୍‌ମାନେ ଉଭୟ ଥିଓରି ଓ ପ୍ରାକ୍ଟିକାଲ ସେସନରେ ମଧ୍ୟ ସାମିଲ ହୋଇଥିଲେ। କ୍ଲବ ତରଫରୁ ହେଡ୍ ଅଫ୍ ଫୁଟବଲ ଡେଭଲପ୍‌ମେଣ୍ଟ ଆକାଶ ନରୁଲା, ଗ୍ରାସ୍‌ରୁଟ ମ୍ୟାନେଜର ସାୟନ୍ତାନ ଗାଙ୍ଗୁଲି ଓ ଆସିଷ୍ଟାଣ୍ଟ ଗ୍ରାସ୍‌ରୁଟ ମ୍ୟାନେଜର ଶୁଭମ ଦାସ ଏହି ଅବସରରେ ଉପସ୍ଥିତ ଥିଲେ। ଭଲ ଖେଳାଳି ସୃଷ୍ଟି କରିବାକୁ ହେଲେ ଭଲ କୋଚ୍ ଅବଶ୍ୟକ ହୋଇଥାନ୍ତି। ଏଥିପାଇଁ କୋଚ୍ ଏଡୁକେଶନାଲ ୱାର୍କଶପ୍ ନିହାତି ଦରକାର ବୋଲି ନରୁଲା କହିଛନ୍ତି। ଏକ ଆଇଏସ୍‌ଏଲ କ୍ଲବ ହିସାବରେ ଆମେ ଓଡ଼ିଶାର ବହୁ କୋଚ୍‌ଙ୍କୁ ସାହାଯ୍ୟ କରିବାକୁ ଚାହୁଁଛୁ। ଆଜିର କାର୍ଯ୍ୟକ୍ରମ ବେଶ୍ ଭଲ ଥିଲା ଓ ସ୍ଥାନୀୟ କୋଚ୍‌ମାନେ ଏଥିରେ ଉତ୍ସାହର ସହିତ ଭାଗ ନେଇଥିବାରୁ ଆମେ ବହୁତ ଖୁସି। ଏଥିପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ସରକାରଙ୍କ ସହଯୋଗକୁ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି।

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦଣ୍ଡପାଣି ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଜଙ୍କିଆ, ଖୋର୍ଦ୍ଧା
ଆବିର୍ଭାବ: ତା.୦୪।୦୩।୧୯୩୧ (ଦୋଳପୂର୍ଣ୍ଣମୀ)
ତିରୋଧାନ: ତା.୦୭।୧୨।୨୦୧୨ (ପ୍ରଥମାଷ୍ଟମୀ)
ଆପଣଙ୍କ ସ୍ମୃତି ପ୍ରତିଟି ମୁହୂର୍ତ୍ତରେ ଆମପାଇଁ ଜୀବନ୍ତ ହୋଇରହିଛି। ଆପଣଙ୍କର ଅନାବିଳ ସ୍ନେହ ଆମମାନଙ୍କ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଅଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୭୮୦୩

**୨୬ତମ ଶ୍ରାଦ୍ଧ ବାର୍ଷିକୀ**



ସ୍ୱର୍ଗତ ବଳରାମ ପଟ୍ଟନାୟକ
ଆବିର୍ଭାବ : ୦୯.୦୮.୧୯୨୮
ତିରୋଧାନ : ୦୬.୧୨.୧୯୯୩
ଆଜି ଏହି ୨୬ ତମ ଶ୍ରାଦ୍ଧ ବାର୍ଷିକୀ ରେ ଆମେମାନେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସଭାବ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ।
ତୁମର ଧର୍ମପତ୍ନୀ, ବାବୁ, ଟୁଟୁ, ମୁନା, ମନି ଏବଂ ପରିବାର ବର୍ଗ।
ଧ-୬୭୭୨୧

**13th Death Anniversary**



LATE PRAVIN PATTANAIK
(BABUL)
DOB:25.11.1986
DOD: 20.11.2006
You are always with us though you are far away from us beyond the celestial bodies in the heaven. Every moment we miss your absence and feel you in the very core of our hearts and shall cherish your sweet memories till the end of our life. Its also our joy unspokable to wish you a very happy birthday ! Since today is also your auspicious birthday.
Your's
Mamuni, Babuji and Others
Malipada, BBSR
ଧ-୧୫୩୦୨

ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ୨୦ ନଭେମ୍ବର , ୨୦୧୯




ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର,
ସେ ହିଁ ସଂକ୍ଷେପରେ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ



### ୯ ବିଦ୍ୟାଳୟକୁ ଗାରିମା ପୁରସ୍କାର

**ବୋରିଗୁମ୍ମା,୧୯।୧୧(ଡ଼ି.ଏନ୍.ଏ.):** କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ମୋଟ ୬୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଗାରିମା ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯ ଟି ବିଦ୍ୟାଳୟ ପୁରସ୍କାର ପାଇଛନ୍ତି। ସେଗୁଡିକ ହେଲା ବିଜାପୁର କ୍ଲଷ୍ଟରର ବଡନାୟକଗୁଡା, ଜାନିଗୁଡା ବିଦ୍ୟାଳୟ, ବୋରିଗୁମ୍ମା କ୍ଲଷ୍ଟରର ଭୈରବୀ ମାର୍ଗ, ବ୍ଲକ କଲୋନୀ, ଟିକବାଲିଗୁଡା, ସାନ ମାଝିଗୁଡା ,ବେଣାଗାଁ କ୍ଲଷ୍ଟରର ଖଟୁଲୁଗୁଡା, କାମରା ଏବଂ ଭିତରବୋଡି ବିଦ୍ୟାଳୟ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସମ୍ପୃକ୍ତ ବିଦ୍ୟାଳୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବୋରିଗୁମ୍ମାସ୍ଥିତ ବ୍ଲକ ଶିକ୍ଷା କାର୍ଯ୍ୟାଳୟଠାରେ ମଙ୍ଗଳବାର ୯ ଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସହ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି, ଶତ୍ରୁଘ୍ନ ଖଣ୍ଡା ବ୍ରୋଞ୍ଜ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ।

### ଖଲ୍ଲିକୋଟରେ ଜିଲାପାଳଙ୍କ ସମୀକ୍ଷା ବୈଠକ

**ଖଲ୍ଲିକୋଟ,୧୯।୧୧(ଡି.ଏନ୍.ଏ.):** ଖଲ୍ଲିକୋଟ ବ୍ଲକ ପରିସରରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା, ଜିଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠିଆ, ବ୍ଲକ ଅଧକ୍ଷା ମୀନାକ୍ଷୀ ସାହୁ, ଉପାଧକ୍ଷା ଏ. ପ୍ରକାଶ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମୀକ୍ଷା ବୈଠକରେ ମହାତ୍ମା ଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନା, ଇନ୍ଦିରାବାସ ଯୋଜନା ଆଦି ବିଷୟରେ ସମୀକ୍ଷା କରିଥିଲେ। ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଗ୍ରାମ ରୋଜଗାର ସେବକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ମଦ ଜବତ, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବନମାଳୀପୁର ଗାଁର ମଦ ବିକ୍ରେତା ଶଙ୍କର ସାହୁଙ୍କୁ ମଙ୍ଗଳବାର କେ.ନୁଆଗାଁ ଥାନା ନୁଆପଡ଼ା ଫାଣ୍ଡି ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ମାମଲା ନଂ ୨୩୪/୧୯ ଅନୁଯାୟୀ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରା ସଦଳବଳେ ରାତ୍ରିକାଳୀନ ପାଟ୍ରୋଲିଂ କରି ଫେରୁଥିବା ବେଳେ ମଦ ବିକ୍ରେତା ପୋଲିସ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ନିକଟରୁ ୭ ଲିଟର ହାତରନ୍ଧା ଦେଶୀମଦ ଜବତ କରାଯାଇଥିଲା।

## କୁନ୍ଦୁଲି ଗଣବଳାତ୍କାର ମାମଲା

# ‘ଏସ୍‌ଆଇଟି ତଦନ୍ତ ଉପରେ ଭରସା ନାହିଁ’

**ଜୟପୁର, ୧୯।୧୧(ନି.ପ୍ର)**

କୁନ୍ଦୁଲି ଗଣବଳାତ୍କାର ମାମଲା ଆଜକୁ ୨ ବର୍ଷରୁ ଅଧିକ ସମୟ ବିତିଲାଣି । ହେଲେ ଏହାର ସତ୍ୟତା ଆଜିବି ଲୋକ ଲୋଚନକୁ ଆସିପାରିନାହିଁ । ଏହି ମାମଲାର ତଦନ୍ତ କରିବାକୁ ଏସ୍‌ଆଇଟି ଗଠନ କରାଯାଇଛି । ହେଲେ ଏହି ଏସ୍‌ଆଇଟି ଉପରେ ଭରସା ନାହିଁ ବୋଲି ମଙ୍ଗଳବାର ପୀଡ଼ିତାଙ୍କ ଖୁଡ଼ୀ ରାଧିକା ଖାଡି ପ୍ରକାଶ କରିଛନ୍ତି । ଦୀର୍ଘ ଦିନ ହେଲାଣି ଆମେ ସିବିଆଇ ତଦନ୍ତ ଦାବି କରି ଆସୁଛୁ । ପୀଡ଼ିତା ବଞ୍ଚିଥିବା ବେଳେ ତତ୍‌କାଳୀନ ଡିଆଇଜି ଏହି ଘଟଣାର ତଦନ୍ତ କରିଥିଲେ । ବର୍ତ୍ତମାନ ଝିଅ ଆତ୍ମହତ୍ୟା କରିଛି । ବାହାର ୩ ଜଣ ଡିଆଇଜି ଆସି ଆଉ ଅଧିକ କ’ଣ ତଦନ୍ତ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସରକାରଙ୍କ ଲାଗି ଆମ ଝିଅର ଜୀବନ ଗଲା । ଝିଅ ବଞ୍ଚିଥିବା ବେଳେ ସରକାର ଚାହିଁଥିଲେ ସତ ବାହାରକୁ ଆଣି ପାରିଥାନ୍ତେ । ଇତିମଧ୍ୟରେ ଝିଅର ମୃତ୍ୟୁ ୨ ବର୍ଷ ବିତିଥିଲେ ମଧ୍ୟ ଏହାର ସତ୍ୟତା ପଦାକୁ ଆସୁ ବୋଲି ସରକାର ଚାହୁଁ ନାହାନ୍ତି । ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲେ, ଯାହାକୁ ଆମେ ଆରମ୍ଭରୁ ହିଁ ବିରୋଧ କରୁଥିଲୁ। ଉକ୍ତ ତଦନ୍ତକୁ ମଧ୍ୟ ହାଇକୋର୍ଟ ଠିକ୍ ହୋଇଥିବା ସ୍ପଷ୍ଟ କରିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ମାମଲାର ଶୁଣାଣି କରି ଏସଆଇଟି ଗଠନ କରିବାକୁ ରାଜ୍ୟ ସରକାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ପୀଡ଼ିତାଙ୍କ ଭାଇ ଭଗବାନ ପ୍ରଥମେ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାର ସିବିଆଇ ତଦନ୍ତ ଲାଗି ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ,୨୦୧୭ ଅକ୍ଟୋବର ୧୦ରେ କୁନ୍ଦୁଲିଠାରେ ଜଣେ ନବମଶ୍ରେଣୀ ଛାତ୍ରୀଙ୍କୁ ୪ ଜଣ ଦୁର୍ବୃତ୍ତ ଯବାନ ପୋଷାକରେ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ନିଆଁ ଜଳିଥିଲା । ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ଘେରିଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାକୁ ନିନ୍ଦା କରିବା ସହିତ ତ୍ୱରିତ ନ୍ୟାୟ ପାାଇଁ ନିର୍ଦ୍ଦେଶ ଦେଇଥିଲେ । ଘଟଣାର ଠିକ୍ ୩ ମାସ ପରେ ଅର୍ଥାତ୍ ୨୦୧୮ ଜାନୁଆରୀ ୨୨ ତାରିଖରେ ପୀଡ଼ିତା ନିଜ ଘରେ ଆତ୍ମହତ୍ୟା କରିଥିଲେ ।

# ଲୁଟ୍ ଘଟଣାରେ ୫ ଗିରଫ

## ଟଙ୍କା, ମୋବାଇଲ, ବାଇକ୍ ଜବତ



ଗିରଫ ଅଭିଯୁକ୍ତମାନେ ।

**କୁନ୍ଦୁରା, ୧୯।୧୧ (ଡି.ଏନ୍.ଏ.)**

କୋରାପୁଟଜିଲା କୁନ୍ଦୁରା ବ୍ଲକଠାରେ ବିଭିନ୍ନ ସମୟରେ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଭାଟିଗୁଡା ଗ୍ରାମର ରୁମେଶ ହରିଜନ, ମାଝିଗୁଡା ଗ୍ରାମର ଲକ୍ଷ୍ମଣ ହରିଜନ, ବଳିଗୁଡା ଗ୍ରାମର ମୁକୁଳ ହରିଜନ, ବୈପାରୀଗୁଡା ଥାନା ଅଧୀନରେ ରହିଥିବା ଝଡ଼ଗାଁ ଗ୍ରାମର ପଦ୍ମନ ହରିଜନ । ଅନ୍ୟ ଜଣେ ବାଳ ଅପରାଧୀଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି । ସେମାନଙ୍କଠାରୁ ୧୩,୦୦୦ ଟଙ୍କା, ୩ ମୋବାଇଲ, ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି।

ଗତ ୮ ତାରିଖରେ କୁନ୍ଦୁରା ବ୍ଲକ ଅନ୍ତର୍ଗତ ମାଝିଗୁଡା, ଆବାଇଗୁଡା, ଭାଟିଗୁଡା, ଲାଛନାଗୁଡା ଏବଂ କୁସୁମଗୁଡା ଗ୍ରାମକୁ ସ୍ୱତନ୍ତ୍ର ମାଇକ୍ରୋ ଫାଇନାନ୍ସ କର୍ମଚାରୀମାନେ ଟଙ୍କା ଆଦାୟ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ବାବୁଲି ରଣା ନାମକ ଜଣେ ଫିଲ୍ଡ ଅଫିସର ଉକ୍ତ ଗ୍ରାମଗୁଡିକରୁ ଟଙ୍କା ଆଦାୟ କରି ଫେରୁଥିଲେ । ଏହି ସମୟରେ ତରପୁଟ ମାଝିଗୁଡା ଚାରିଛକରେ ୪ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ିକୁ ଅଟକାଇଥିଲେ। ତାଙ୍କୁ ଛୁରି ଏବଂ ଭୁଜାଲି ଦେଖାଇ ଗାଡି ଡିକିରେ ରଖିଥିବା ୫୮ ହଜାର ଟଙ୍କା, ୨ଟି ମୋବାଇଲ ଏବଂ ଅନ୍ୟାନ୍ୟ କାଗଜପତ୍ର ଲୁଟି ନେଇଥିଲେ। ଏନେଇ ସେ କୁନ୍ଦୁରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା (ନଂ ୧୦୬/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ଲୁଟେରାଙ୍କୁ ଧରିବା ଲାଗି କୁନ୍ଦୁରା ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଗତ ସୋମବାର ଉକ୍ତ ୫ ଲୁଟେରାଙ୍କୁ ଧରିଛି । ଉକ୍ତ ଅଭିଯୁକ୍ତମାନେ ୨୦୧୭ରେ ବରଗୁଡା ଗ୍ରାମର ତାରିଣୀ ମନ୍ଦିରରୁ ସୁନା ଗହଣା ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ଜଣାଯାଇଛି ।

## ଝିଅଙ୍କୁ ଧମକ ଓ ଆକ୍ରମଣ, ମା’ ଗଲେ ଜେଲ

**ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ମଙ୍ଗଳବାର କଲ୍ୟାଣପୁର ଗାଁର ମଞ୍ଜୁଳା ଗୌଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ମାମଲା ନଂ. ୨୩୬/୧୯ ଦଫା ୩୪୧/୩୨୩/୨୯୪/୫୦୬ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୮ ଟାରେ ମଞ୍ଜୁଳା ଏକ ଦା’ ଧରି ଗାଁରେ ରହୁଥିବା ତାଙ୍କ ଝିଅ ଜୟନ୍ତୀଙ୍କ ଘର ପାଖକୁ ଯାଇ ଗାଳି ଗୁଲଜ କରିବା ସହ ଦା’ ରେ ଆକ୍ରମଣ ଉଦ୍ୟମ କରିଥିଲେ। ସାହି ପଡୋଶୀ ପହଞ୍ଚି ଛଡାଛଡି କରିଥିଲେ। ଜୟନ୍ତୀ ଏନେଇ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତାଙ୍କୁ ଗିରଫ କରିଥିଲେ। ଏସ୍‌ଆଇ ମାଧବ ଚନ୍ଦ୍ର ଟାକରୀଙ୍କ ସୂଚନାନୁସାରେ, ମଞ୍ଜୁଳାଙ୍କ ଝିଅ ଜୟନ୍ତୀ ପରିବାର ଲୋକଙ୍କ ଅସହମତିରେ ଗ୍ରାମର ସଞ୍ଜୟ କୁମାର ଗୌଡଙ୍କୁ ନିଜ ଇଚ୍ଛାରେ ବିବାହ କରି ଦିଗପହଣ୍ଡିରେ ଏକ ଭଡ଼ାଘରେ ରହୁଥିଲେ। ଜୁଲାଇ ୧୮ ତାରିଖ ରାତି ପ୍ରାୟ ୯ ଟାରେ କ୍ୱାଇଁ ସଞ୍ଜୟ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟ ଏକ ଡ୍ରେସ ଦୋକାନ ପାଖରେ ଠିଆ ହୋଇଥିବା ବେଳେ ଶ୍ୱଶୁର ତଥା ମଞ୍ଜୁଳାଙ୍କ ସ୍ୱାମୀ ଉମାକାନ୍ତ ଗୌଡ ତାଙ୍କୁ ଛୁରିରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଛୁରା ମାଡ଼ରେ ସଞ୍ଜୟଙ୍କ ପେଟରୁ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ତାଙ୍କ ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଘଟଣାର ପରଦିନ ସଞ୍ଜୟଙ୍କ ସ୍ତ୍ରୀ ଜୟନ୍ତୀ ଥାନାରେ ବାପା ଉମାକାନ୍ତଙ୍କ ନାଁରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ମାମଲା ନଂ. ୧୭୯/୧୯ରେ ପୋଲିସ ଅଭିଯୁକ୍ତ ଉମାକାନ୍ତଙ୍କ ନାଁରେ ହତ୍ୟା ଉଦ୍ୟମ ମକଦ୍ଦମା ରୁଜୁ କରିଥିଲା। ଘଟଣା ପରଠାରୁ ଦୁଇ ପରିବାର ଲୋକଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ସେ କହିଛନ୍ତି।



ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ।

# ସମବାୟ ସପ୍ତାହ ପାଳିତ

**ଜୟପୁର, ୧୯।୧୧(ଡି.ଏନ.ଏ/ନି.ପ୍ର)**

କୋରାପୁଟ ଜିଲା ସମବାୟ ସଂଘ ଆନୁକୂଲ୍ୟରେ ସମବାୟ ସପ୍ତାହ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ ଯୋଗଦେଇ ସମବାୟ ଆନ୍ଦୋଳନ ସମସ୍ତଙ୍କୁ ଏକଜୁଟ କରିବା ସହିତ ଆତ୍ମନିର୍ଭରଶୀଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ । ଜିଲା ସମବାୟ ସଂଘ ସଭାପତି ରାଜକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲା ସମବାୟ ଆନ୍ଦୋଳନର ଅନ୍ୟତମ ପୁରୋଧା ରମାକାନ୍ତ ରାଉଳଙ୍କୁ ଶ୍ରେଷ୍ଠ ସମବାୟବିତ୍ ଭାବେ ସମ୍ମାନିତ କରାଯାଇଥିଲା । ସେହିପରି ଅବିଭକ୍ତ କୋରାପୁଟ ଜିଲା ଶ୍ରେଷ୍ଠ କେସିସି ବ୍ୟାଙ୍କ ଭାବେ ବୋରିଗୁମ୍ମା ଶାଖାର ପରିଚାଳକ, ଲ୍ୟାମ୍ପ ଭାବେ ମାଲକାନଗିରି ଜିଲାର ମାଥିଲି ଶାଖାର ଏମ.ଡି ଏବଂ ଉପଯୁକ୍ତ ପରିଚାଳନା ନିମନ୍ତେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଜୟପୁର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରତିନିଧି ସଭାନେତ୍ରୀ ଏବଂ ସମ୍ପାଦକ ପୁରସ୍କୃତ କରାଯାଇଥିଲା । ସେହିପରି ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସମବାୟ ଆନ୍ଦୋଳନ ନେଇ ଏକ ପତ୍ରିକା ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡିଆରସିଏସ ସିଏଚ. ଭବାନୀ ପ୍ରସାଦ, ସମ୍ପାଦକ ଅନନ୍ତ ସାମଲ, ମହିଳା ସମବାୟ ସଂଘ ଉପସଭାପତି ଲାଲୁମଣି ସିଂ ଏବଂ ନିର୍ଦ୍ଦେଶକ ଶ୍ରୀନିବାସ ରାଓ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ସଞ୍ଜୟ ପାତ୍ର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ବାହିନୀପତି, ମଦନ ମୋହନ ନାୟକ, ପି. ରମେଶ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ



ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ଦାମନଯୋଡ଼ି, ୧୯।୧୧ (ଡି.ଏନ୍.ଏ.)**

ନାଲ୍‌କୋ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ନାଲ୍‌କୋର କମନ ୱେଲଫେୟାର କମିଟି ପକ୍ଷରୁ ଏଥିପାଇଁ ନାଲ୍‌କୋ ଟାଉନ୍‌ଶିପ୍ ମୁଖ୍ୟ ଫାଟକ ନିକଟ ପ୍ରିୟଦର୍ଶନୀ ପାର୍କରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ନାଲ୍‌କୋର ବରିଷ୍ଠ ଅଧିକାରୀ କର୍ମଚାରୀ ଓ ଜନତା ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରବି ଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇନ୍ଦିରା ଗାନ୍ଧୀଙ୍କ କର୍ମମୟ ଜୀବନୀ ତଥା ଦେଶପାଇଁ ଅବଦାନର ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ସୁଶିଲ କୁମାର ପାଢ଼ୀ, ଭୀମସେନ ପ୍ରଧାନ, ଆର.ସି. ତ୍ରିପାଠୀ, ବି.କେ. ପଣ୍ଡା, ନେତ୍ରାନନ୍ଦ ମହାରଣା, ବି.କେ. ଦାସ, ଆର.ଏନ୍. ଉପାଧ୍ୟାୟ, ଡିଜିଏମ୍ ମହେଶ୍ୱର ସାହୁ, ଅମରେନ୍ଦ୍ର ମିଶ୍ର, ଏଜିଏମ୍ ଏସ୍.ଏସ୍. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏ.କେ. ମହାନ୍ତି, ଗାନ୍ଧୀ ସାହୁ, ଏସ୍‌ଆର. ମିଶ୍ର, ସୁରେନ୍ଦ୍ର କହଁର, ସନ୍ତୋଷ ପତି, ବିନୟ ଖରା, ହରିଚାନ୍ଦ ରାୟ, ଗଣେଶ ବାଘ ଏହାକୁ ପରିଚାଳନା କରିଥିଲେ।

## ଜୁଆଆଡ୍ଡାରେ ଚଢ଼ାଉ, ୩ କୋର୍ଟ ଚାଲାଣ

**ଗୋପାଳପୁର,୧୯।୧୧**

ସୋମବାର ରାତିରେ ଗୋଳନ୍ଥରା ପୋଲିସ ଜୁଆଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରିସୋଲା ଗ୍ରାମର ବଡ଼ସାହି ପାଖ ଖୋଲା ଜାଗାରେ ଜୁଆଖେଳ ଚାଲିଥିବାବେଳେ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। କେତେକ ଜୁଆଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ୩ଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ଠାରୁ ୩୫,୨୦୦ ଟଙ୍କା, ଗୋଟିଏ ସ୍କୁଟି ଓ ତାସ ଜବତ କରିଛି।

## ଜାତୀୟ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ

# ୨ ଖେଳାଳିଙ୍କ ଆଣ୍ଡାମାନ ନିକୋବର ଯାତ୍ରା

**ଦାମନଯୋଡ଼ି,୧୯।୧୧(ଡ଼ି.ଏନ.ଏ)**

ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ପୋର୍ଟ ବ୍ଲେୟାରଠାରେ ଅନୁଷ୍ଠିତ ହେବ । ଏଥିଲାଗି ୧୯ ବର୍ଷରୁ କମ୍ ବାଳକ ଓଡ଼ିଶା ଦଳରେ ଦାମନଯୋଡ଼ିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଦୁଇ ଜଣ ଛାତ୍ର ଆଣ୍ଡାମାନ ନିକୋବର ଯାତ୍ରା କରିଛନ୍ତି । ଛାତ୍ରଦ୍ୱୟ ହେଲେ ମନୋଜ କୁମାର ନାୟକ ଓ ସପନ ଜାନି । ଏହି ଟୁର୍ନାମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଠାରୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ । ବିଦ୍ୟା ମନ୍ଦିର ଅଧକ୍ଷ ଡ଼ଃ ଶୁଭ୍ରାଂଶୁ ଶେଖର ବାହିନୀପତି, କୋଚ ଡ଼ଃ ରମେଶଚନ୍ଦ୍ର ସ୍ୱାଇଁ ଓ ବିଦ୍ୟା ମନ୍ଦିର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉକ୍ତ ଛାତ୍ରଙ୍କ ଶୁଭକାମନା ସହ ଶୁଭେଚ୍ଛା ଜଣାଇଛନ୍ତି ।



୨ ଖେଳାଳିଙ୍କ ସହ ଅନ୍ୟମାନେ।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ରାଜ୍ୟ ସରକାରଙ୍କ ଉତ୍ତରକୁ ଅପେକ୍ଷା କରିଛି କେନ୍ଦ୍ର

**ଜୟପୁର, ୧୯।୧୧ (ନି.ପ୍ର)**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଦୀର୍ଘ ବର୍ଷ ହେବ ଆଇନଜୀବୀଙ୍କ ଆନ୍ଦୋଳନ ଚାଲିଛି। ଏନେଇ ରାଜ୍ୟ ସରକାର କେନ୍ଦ୍ର ଉପରକୁ ଦୋଷ ଦେଉଥିବା ବେଳେ କେନ୍ଦ୍ର ସରକାର ରାଜ୍ୟକୁ ଦୋଷ ଦେଉଛନ୍ତି । ଏଥିଲାଗି ରାଜ୍ୟ ସରକାର ଦାୟୀ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ ରହିଛି ।

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କୋରାପୁଟ ଏମ୍‌ପି କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଉତ୍ତରରେ ଆଇନ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କଠାରୁ ପୂର୍ଣ୍ଣ ପ୍ରସ୍ତାବ ମିଳିବା ପରେ ହିଁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଇ ପାରିବକ ଯେଉଁଥିରେ କି ଭିତ୍ତିଭୂମି ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ ସହ ସମ୍ପୃକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି ରହିଥିବ । ଏଥିସହ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି ଭିତ୍ତିକ ଅନୁମୋଦନ ଓ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ଅନୁମୋଦନ ମଧ୍ୟ ଆବଶ୍ୟକ । ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଅଞ୍ଚଳରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେଇ ନାହାନ୍ତି । ଏନେଇ କେନ୍ଦ୍ର ସରକାର ମଧ୍ୟ ରାଜ୍ୟ ସରକାରଙ୍କୁ ଯୋଗାଯୋଗ କରିଛନ୍ତି । ଗତ ଜାନୁଆରୀ ୧୨ ତାରିଖରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ହାଇକୋର୍ଟର ମୁଖ୍ୟ ବିଚାରପତି ଙ୍କ ସହ ପରାମର୍ଶ ନେଇ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି । କିନ୍ତୁ ରାଜ୍ୟ ସରକାର ଏ ଯାଏ କୌଣସି ଉତ୍ତର ଦେଇ ନାହାନ୍ତି। ରାଜ୍ୟ ସରକାର ମତାମତ ଦେଲେ କେନ୍ଦ୍ର ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଏମ୍‌ପିଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ହାଇକୋର୍ଟ ବେଞ୍ଚ ଦାବିରେ ଗତ ବର୍ଷ ଡ଼ିସେମ୍ବର ୪ ତାରିଖରୁ ଓକିଲମାନେ କୋର୍ଟ ବର୍ଜନ କରି ଆନ୍ଦୋଳନ ଚଳାଇଥିଲେ । ଦୀର୍ଘ ୧୧ ମାସର ଆନ୍ଦୋଳନ ପରେ ଗତ ୫ ତାରିଖରେ ଓକିଲ ମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଜୟପୁର ସହର ହାଇକୋର୍ଟଠାରୁ ୬ ଶହ କି.ମି ଦୂରରେ ରହିଛି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି , ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛି । ରାଜ୍ୟ ସରକାର ଏହି ପଛୁଆ, ମାଓବାଦୀ ପ୍ରବଣ, ଗମନାଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ରହିଥିବା ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଉ ବୋଲି ଦାବି ହୋଇଛି ।

# ଦୈନିକ ବଜାରରେ ଗୋରୁଙ୍କ ଦୌରାତ୍ମ୍ୟ

**ଜୟପୁର,୧୯।୧୧(ଡି.ଏନ.ଏ)**



ବଜାର ଭିତରେ ଗାଡ଼ି ପାର୍କିଂ କରାଯାଇଛି ।

କୋରାପୁଟ ଜିଲାର ବ୍ୟବସାୟିକ ସହର ଜୟପୁରରେ ରହିଛି କୁମାର ବିଦ୍ୟାଧର ସିଂଦେଓ ଦୈନିକ ବଜାର । ଜିଲାର ସବୁଠାରୁ ବଡ ବଜାର ଭାବେ ଏହାର ସୁନାମ ରହିଛି । ଏହି ଦୈନକ ବଜାର ଭିତରେ ପ୍ରବେଶ କରିବା ଲାଗି ଚାରିପାଖରେ ୭ଟି ରାସ୍ତା ରହିଛି । ଫଳରେ ଗୋରୁଗାଈଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଏଥିସହିତ ବେଆଇନ ଭାବେ ଗାଡ଼ି ବଜାର ଭିତରକୁ ପ୍ରବେଶ କରାଯାଉଛି । ଏହା ପୌରସଂସ୍ଥାର ଅଧୀନରେ ରହିଛି । ବଜାରର ଭଡା ଏବଂ ପ୍ରତ୍ୟେକ ଦିନ ମାହାସୁଲ, ପାର୍କିଂ ଟିକସ ବାବଦକୁ ଲକ୍ଷାଧିକ ଟଙ୍କା ପୌରସଂସ୍ଥାର ଆୟ ହେଉଥିଲେ ସୁଦ୍ଧା ଏହାର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପ୍ରତି ସବୁବେଳେ ଅଣଦେଖା କରାଯାଉଛି ।

ଏଠାରେ ରହିଥିବା ୭ଟି ରାସ୍ତା ମଧ୍ୟରୁ ୨ଟି ରାସ୍ତା ଦେଇ ଗୋରୁ ଏବଂ ଷଣ୍ଢଙ୍କ ଅବାଧ ପ୍ରବେଶ ହେଉଛି। ଫଳରେ ଏଠାକୁ ଆସୁଥିବା ହଜାର ହଜାର ସଂଖ୍ୟାରେ ଗ୍ରାହକ ହନ୍ତସନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗୋରୁ ବଜାର ଭିତରକୁ ପଶି ଉଠାଦୋକାନୀଙ୍କ ପନିପରିବା ଖାଇ ଦେଉଛନ୍ତି । ଏମିତି କି କେବେ କେବେ ଗ୍ରାହକଙ୍କ ବ୍ୟାଗକୁ ମଧ୍ୟ ଖାଦ୍ୟ ଆଶାରେ ଟାଣି ନେଉଛନ୍ତି। ଏହିପରି ଗାଈ ଏବଂ ଷଣ୍ଢଙ୍କ ପ୍ରାଦୁର୍ଭାବ ଯୋଗୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୋରୁ ପନିପରିବା ଖାଇବା ବେଳେ ଦୋକାନୀ ଠେଙ୍ଗା ଧରି ଗୌଡ଼ାଇବାରୁ ଗୋରୁମାନେ ଲୋକଙ୍କ ଉପରକୁ ମାଡି ଯାଉଛନ୍ତି। ଫଳରେ ଅଧିକାଂଶ ସମୟରେ ଗ୍ରାହକମାନେ ରାସ୍ତା ଉପରେ ପଡି ଆହତ ହେଉଛନ୍ତି । କିଛିଦିନ ହେବ ଦୈନିକ ବଜାରର ଚାଉଳଟି ରାସ୍ତାର ଦ୍ୱିତୀୟ ପ୍ରବେଶ ଦ୍ୱାରର ଗେଟ୍ ଖୋଲାଯାଇଛି । ଲୋକେ ବଜାର ଭିତରକୁ ବେଆଇନ ଭାବେ ବାଇକ ଓ ସାଇକେଲ ନେଉଛନ୍ତି। ଏହିପରି ଜନଗହଳି ପୂର୍ଣ୍ଣ ଏବଂ ଦୋକାନବଜାର ସମ୍ମୁଖରେ ଗାଡ଼ିଗୁଡ଼ିକ ପାର୍କିଂ କରାଯାଉଛି । ଏଥିନେଇ ପୌରସଂସ୍ଥାର ଦୈନିକ ମାହାସୁଲ ଆଦାୟ କରୁଥିବା ଟ୍ୟାକ୍ସ ସରକାର, ସଫେଇ କାର୍ଯ୍ୟ ନିୟୋଜିତ କର୍ମଚାରୀ ଏବଂ ସୁପରଭାଇଜରଙ୍କ ନିକଟରେ ସୂଚନା ରହିଥିଲେ ସୁଦ୍ଧା ଏଥିପ୍ରତି ଅଣଦେଖା ମନୋଭାବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟପୁର ସିଟିଜନ କମିଟି ସମ୍ପାଦକ ପଣ୍ଡିତ ଗୀତାପ୍ରକାଶ ମିଶ୍ର ଦାବି କରିଛନ୍ତି। ଏନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟଙ୍କୁ ପଚାରିବାରୁ, ଉକ୍ତ ଗେଟ୍‌ଗୁଡିକକୁ ତୁରନ୍ତ ବନ୍ଦ କରିବାର ବ୍ୟବସ୍ଥା କରାଯିବ । ଏଥିସହିତ ବଜାର ଭିତରକୁ ଗୋରୁ ଏବଂ ବାଇକ ପ୍ରବେଶକୁ ମଧ୍ୟ ବନ୍ଦ କରାଯିବ।

## ସଂକ୍ଷେପରେ

### ୫୨ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

**କୋରକୋଣ୍ଡା,୧୯।୧୧(ଡି.ଏନ୍.ଏ.)-** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ଉପର ମୁଣ୍ଡରେ ଥିବା କେତେକ ଗ୍ରାମରେ ବେଆଇନ ଭାବେ ହେଉଥିବା ଗଞ୍ଜେଇ ଚାଷକୁ ମଙ୍ଗଳବାର ନଷ୍ଟ କରାଯାଇଛି। ମାଲକାନଗିରି ଅବକାରୀ ବିଭାଗ, ଚିତ୍ରକୋଣ୍ଡା ଥାନା ଓ ଚିତ୍ରକୋଣ୍ଡା ତହସିଲର ମିଳିତ ଉଦ୍ୟମରେ ଚଡାଉ କରାଯାଇ ନାକାମାମୁଡି ପଞ୍ଚାୟତ ଅନ୍ତର୍ଗତର ସିନ୍ଧିଗୁଡା, ଖଡିକାଜୁଡି ଓ ଗାଡିଗୁଡା ଗ୍ରାମରେ ୫୨ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ପରେ କଟା ଗଞ୍ଜେଇ ଗଛଗୁଡିକୁ ନିଆଁ ଲଗେଇ ପୋଡାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୮କୋଟି ୩୨ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି। ମାଲକାନଗିରି, ବାଲିମେଳା, ମାଥିଲି, ନବରଙ୍ଗପୁର, ଜୟପୁର ଏବଂ କାଲିମେଳା ଅଞ୍ଚଳର ଅବକାରୀ ବିଭାଗ କର୍ମଚାରୀ ଟିମ୍‌ରେ ସାମିଲ ହୋଇଥିଲେ।

### ସତ୍ୟସାଇ ଅନୁଷ୍ଠାନ ପକ୍ଷରୁ ଫଳ ବଣ୍ଟନ

**ମାଲକାନଗିରି,୧୯।୧୧(ଡି.ଏନ୍.ଏ.)-** ମାଲକାନଗିରିସ୍ଥିତ ସତ୍ୟସାଇ ସେବା ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ, ଉପ କାରାଗାର ସମେତ ବିଭିନ୍ନ ସ୍ଥାନରେ ଫଳ ବଣ୍ଟନ କରାଯାଇଛି। ଆବାହକ କେ. ଗୋପାଲ ରାଓଙ୍କ ନେତୃତ୍ୱରେ ଶତାଧିକ ସତ୍ୟସାଇ ପରିବାରର ସଦସ୍ୟ ପ୍ରଥମେ ମେଡିକାଲ ଓ ବସ୍‌ଷ୍ଟାଣ୍ଡ ପରିସର ସଫେଇ କାର୍ଯ୍ୟ କରି ପରେ ଫଳ ବଣ୍ଟନ କରିଥିଲେ। ପ୍ରତ୍ୟେକ ରବିବାର ଅନୁଷ୍ଠାନ ପକ୍ଷରୁ ଏପରି ନାରାୟଣ ସେବା କାର୍ଯ୍ୟକ୍ରମ କରାଯାଉଛି।

### କମୁଛି ସୁଆଁ ଚାହିଦା

**ଚିତ୍ରକୋଣ୍ଡା,୧୯।୧୧(ଡି.ଏନ.ଏ.)-** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ସ୍ଥାନୀୟ ଲୋକେ ସୁଆଁ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି। ସୁଆଁ ଚାଷୀମାନେ ପରିବାରରେ ଖାଇବା ପାଇଁ କମ ପରିମାଣରେ ରଖି ଅଧିକ ପରିମାଣରେ ସୁଆଁ ହାଟ, ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରି ଦିଅନ୍ତି। ତେବେ ସୁଆଁ ଚାଉଳର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ତେବେ ଉକ୍ତ ଅଞ୍ଚଳରେ ଏହାର ଚାହିଦା ରହୁନାହିଁ। ସୁଆଁକୁ ଚାଉଳ କରିବା ଲାଗି କଳ ଏଠାରେ ନ ଥିବାରୁ ଚାଷୀମାନେ ଉପକୃତ ହୋଇପାରୁନାହାନ୍ତି। ଫଳରେ ସେମାନେ ସୁଆଁ ଚାଷ ପ୍ରତି ବିମୁଖ ହେଉଛନ୍ତି। ଜିଲା ପ୍ରଶାସନ ଯଦି ଏ ଦିଗରେ ପଦକ୍ଷେପ ନେଇ କଳ ପ୍ରତିଷ୍ଠା କରନ୍ତା ତେବେ ଚାଷୀମାନେ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ମତ ପ୍ରକାଶ ପାଉଛି।

### ସାପ କାମୁଡାରେ ଯୁବକ ମୃତ

**ବସ୍ତା, ୧୯।୧୧(ସ୍ୱ.ପ୍ର)-**ସିଂଲା ଥାନା ଇଡ଼ଦା ପଞ୍ଚାୟତର ଭିତରବ୍ରହ୍ମତର ଗ୍ରାମର ପ୍ରଶାନ୍ତ ଖଟୁଆ (୨୩) ନାମକ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ଶନିବାର ସ୍ଥାନୀୟ ବଜାରକୁ ଯାଉଥିବା ବେଳେ ଏକ ବୋଡ଼ା ସାପ ତାଙ୍କୁ କାମୁଡ଼ିଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଛି।

■ ଆନ୍ଧ୍ର କବ୍‌ଜାରେ ଜୁମଡାଙ୍ଗ ଗ୍ରାମ ପ୍ରସଙ୍ଗ

# ଗ୍ରାମରେ ପହଞ୍ଚିଲା ୮ ଜଣିଆ ଟିମ୍



ଜୁମଡାଙ୍ଗ ଗ୍ରାମରେ ପହଞ୍ଚିଥିବା ପ୍ରଶାସନିକ ଅଧିକାରୀ ।



ଗ୍ରାମବାସୀମାନେ ବିଭିନ୍ନ ସହାୟତା ପାଇଁ ଫର୍ମ ପୂରଣ କରୁଛନ୍ତି ।

- ■ ସମସ୍ତ ସହାୟତା ଯୋଗାଇଦେବାକୁ ଦେଲେ ପ୍ରତିଶ୍ରୁତି
- ■ ଓଡ଼ିଶା ସରକାରଙ୍କ କୌଣସି ମୌଳିକ ସୁବିଧା ପହଞ୍ଚିନି
- ■ ପାପରମେଟଲା ପଞ୍ଚାୟତରେ ସାମିଲ କରିବାକୁ କଲେ ଦାବି

**ଚିତ୍ରକୋଣ୍ଡା,୧୯।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗାଡା ପଞ୍ଚାୟତର ଜୁମଡାଙ୍ଗ ଗ୍ରାମ ଆନ୍ଧ୍ର କବ୍‌ଜାରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ସମ୍ପୃକ୍ତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ଫଳରେ ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ସୋମବାର ସକାଳେ ବାହାରିଥିଲେ। ଏହି ଟିମ୍‌ରେ ରାଲେଗାଡା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମେଶ ଆୟାର, ଗ୍ରାମ ରୋଜଗାର ସେବକ ବଳଭଦ୍ର ମାଝି, ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର ଅମର ମାଡକାମି, ସୋସିଆଲ ୱାର୍କର ବିରାଜ ମଣ୍ଡଳ,ହରି ଶିଶା, ବିଏଲଓ, ସେଲସମ୍ୟାନ ବିଶ୍ୱନାଥ ଖିଲ ଓ ଅଙ୍ଗନୱାଡି କର୍ମୀ ହେମଲତା ଶିଶା ଥିଲେ। ସେମାନେ ସକାଳ ୭ଟାରେ ଜୁମଡାଙ୍ଗ ଅଭିମୁଖେ ବାହାରି ଅପରାହ୍ନ ୩.୪୫ରେ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ୨୧ ପରିବାରକୁ ନେଇ ଜୁମଡାଙ୍ଗ ଗ୍ରାମ ଗଠିତ। ସମସ୍ତ ପରିବାର ଆଦିବାସୀ କନ୍ଧ ସମ୍ପ୍ରଦାୟର। ସେମାନେ କୌଣସି ସରକାରୀ ସୁବିଧା ପାଉନାହାନ୍ତି। ଗ୍ରାମରେ ବିଦ୍ୟାଳୟଟିଏ ନାହିଁ। ସବୁ ପରିବାର ଲୋକଙ୍କ ନିକଟରେ ଓଡିଶାର ଭୋଟର କାର୍ଡ ରହିଛି। ମାତ୍ର ସେମାନଙ୍କ ନିକଟରେ ଆନ୍ଧ୍ରର ଆଧାର କାର୍ଡ ସହ ରାଶନ କାର୍ଡ ରହିଥିବା ବେଳେ କେତେକଙ୍କ ଆନ୍ଧ୍ରର ବ୍ୟାଙ୍କ ଆକାଉଣ୍ଟ ଥିବା ଦେଖିବାକୁ ମିଳିଥିଲା। ଏହି ଦୁର୍ଗମ ଅଞ୍ଚଳରେ ଓଡିଶା ସରକାରଙ୍କ ସମସ୍ତ ମୌଳିକ ସୁବିଧା ଗ୍ରାମବାସୀଙ୍କ ପାଇଁ ଥିଲା ଅପହଞ୍ଚ।ଭତ୍ତା, ଚାଉଳ, ଇନ୍ଦିରା ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ସହ ଅନ୍ୟାନ୍ୟ ସୁବିଧାରୁ ସେମାନେ ବଞ୍ଚିତ ହୋଇଥିଲେ। ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପରେ ପ୍ରଶାସନ ଗ୍ରାମବାସୀଙ୍କୁ ସହାୟତାର ହାତ ବଢାଇଛି। ସେମାନଙ୍କୁ ଭତ୍ତା ଦେବାକୁ ଦରଖାସ୍ତ ଗ୍ରହଣ କରାଯାଇଛି। ସମସ୍ତ ପରିବାର ପାଇଁ ରାଶନ କାର୍ଡ ଓ ଇନ୍ଦିରା ଆବାସ ଦେବାକୁ ମଧ୍ୟ ଦରଖାସ୍ତ ଗ୍ରହଣ କରାଯାଇଛି। ଏଣିକି ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଏବଂ ସହାୟତା ସେମାନଙ୍କ ନିକଟରେ ପହଞ୍ଚିବ ବୋଲି ଗ୍ରାମବାସୀଙ୍କୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଜୁମଡାଙ୍ଗ ଗ୍ରାମବାସୀ ପାପରମେଟଲା ପଞ୍ଚାୟତରେ ତାଙ୍କ ଗ୍ରାମକୁ ସାମିଲ କରିବାକୁ ଦାବି କରିଥିଲେ। କାରଣ ସ୍ୱରୂପ ସେମାନେ ଦର୍ଶାଇଥିଲେ ଯେ, ଜୁମଡାଙ୍ଗରୁ ପାପରମେଟଲା ପଞ୍ଚାୟତ ୫ କିମି ଦୂର। ମାତ୍ର ଏବେ ସେମାନେ ରାଲେଗଡା ପଞ୍ଚାୟତ ଅଧୀନରେ ଅଛନ୍ତି। ଜୁମଡାଙ୍ଗଠାରୁ ରାଲେଗଡା ବହୁ ଦୂର ହେଉଥିବାରୁ ସେମାନେ କୌଣସି କାର୍ଯ୍ୟରେ ପଞ୍ଚାୟତକୁ ଯିବାକୁ ହେଲେ ହଇରାଣ ହେଉଛନ୍ତି ବୋଲି କହିଥିଲେ। ପରେ ଅଧିକାରୀମାନେ ଓଡିଶା ସୀମାନ୍ତ ଆନ୍ଧ୍ର ନିକଟବର୍ତ୍ତୀ ଗ୍ରାମ କତାବାରୁ, ଚିଟାମଗାରୁ, ମଣ୍ଡାପାଲି ଓ କଟଙ୍ଗଦୁରବନ୍ଧ ଗ୍ରାମରେ ମଧ୍ୟ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା କରି ଆଗାମୀ ଦିନରେ ସେମାନେ ସମସ୍ତ ଯୋଜନାରୁ ସୁଫଳ ପାଇବେ ବୋଲି ପ୍ରକାଶ କରି ସହାୟତା ଲାଗି ସେମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରି ଫେରିଥିଲେ।

## ଓଡିଶାର ୧୫ ଧାନ ଟ୍ରକ ଛତିଶଗଡରେ ଜବତ

**ମାଲକାନଗିରି, ୧୯।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ବର୍ତ୍ତମାନ ଧାନମଣ୍ଡି ଆରମ୍ଭ ହୋଇଛି। ମଣ୍ଡିରେ ଧାନ ବିକ୍ରି ପୂର୍ବରୁ ଏଠାରୁ ଧାନ ଚୋରା ଚାଲାଣ କାରବାର ଆରମ୍ଭ ହୋଇଗଲାଣି। ଜିଲାର ପଦ୍ମଗିରି, ଶିଖପାଲି, ପୋଟେରୁ ଅଞ୍ଚଳରୁ ପ୍ରାୟ ୧୫ଟି ଟ୍ରକରେ ଧାନ ଚୋରାରେ ଛତିଶଗଡକୁ ପଠାଯାଇଥିବା ବେଳେ ଧରାପଡିଛି। ଏହାପରେ ସେଠାକାର ଜିଲା ପ୍ରଶାସନ ପ୍ରତିକ୍ରିୟା ପ୍ରକାଶ କରିଛି। ଛତିଶଗଡକୁ ଚୋରା ଧାନ ଆସୁଥିବାରୁ ସରକାର କ୍ଷତି ସହୁଛନ୍ତି। ଓଡ଼ିଶାର ଗୋଟିଏ ବସ୍ତା ଧାନ ମଧ୍ୟ ଛତିଶଗଡରେ ପଶିବାରିବ ନାହିଁ ବୋଲି ସୁକୁମା ଜିଲାପାଳ ସନ୍ତୋଷ କୁମାର କହିଛନ୍ତି। ଏ ଦିଗରେ କାର୍ଯ୍ୟ କରୁଥିବା ଦଲାଲମାନଙ୍କୁ ଅଙ୍କୁଶ ଲଗାଇବା ପାଇଁ ଆମର ସ୍ୱତନ୍ତ୍ର ସ୍କାଡ ଗଠନ ହୋଇଛି। ଯୋଗାଣ ବିଭାଗ ଓ ପୋଲିସ ଏହି ସ୍କ୍ୱାର୍ଡରେ ରହିଛନ୍ତି। ଏଠାରେ ଧାନ କୁଇଣ୍ଟାଲ ପିଛା ୨୫୦୦ ଟଙ୍କା ରହିଛି। ଏହାର ଫାଇଦା ନେବାକୁ ଦଲାଲମାନେ ଓଡ଼ିଶାରୁ କମ୍ ଦରରେ ଧାନ କିଣି ଏଠାରେ ଧାର୍ଯ୍ୟ ଦରରେ ବିକ୍ରି କରୁଛନ୍ତି। ଅଥଚ ଆମ ରାଜ୍ୟର ଚାଷୀ ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଜିଲାପାଳ କହିଥିଲେ। ଅନ୍ୟପକ୍ଷରେ ମାଲକାନଗିରି ପ୍ରଶାସନ ମଧ୍ୟ ଏ ଦିଗରେ ସତର୍କ ରହିଛି। ଅତିରିକ୍ତ ଯୋଗାଣ ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି ଯେ, ପଡୋଶୀ ସୁକମା ଜିଲାରେ ଯେଉଁ ଧାନ ଗାଡି ଅଟକ ରଖାଯାଇଛି ସେ ନେଇ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ। ଛତିଶଗଡରେ ଧାନର ମୂଲ୍ୟ ଅଧିକ ଥିବାରୁ ଜିଲାର କୌଣସି ଚାଷୀ ଛତିଶଗଡକୁ ଧାନ ନେଇଥିବେ। ତେବେ ମାଲକାନଗିରି ଜିଲାରୁ ଯେପରି ଧାନ ବାହାରକୁ ନ ଯାଏ ସେଥିପ୍ରତି ଜିଲାରେ ସ୍ୱତନ୍ତ୍ର ସ୍କାଡ୍ ଗଠନ କରାଯାଇଛି ବୋଲି ପ୍ରଧାନ କହିଥିଲେ।

## ପ୍ରେମିକାଙ୍କ ଅଭିଯୋଗରେ ଜେଲ୍ ଗଲେ ଯୁବକ

**କାଲିମେଳା,୧୯।୧୧(ଡି.ଏନ.ଏ)**

ମାଲକାନଗିରି ଜିଲା କାଲିମେଳା ଥାନରେ ଜଣେ ଯୁବତୀ ନିଜ ପ୍ରେମିକଙ୍କ ନାମରେ ଆଣିଥିବା ବଳାତ୍କାର ଅଭିଯୋଗରେ କାଲିମେଳା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଯୁବକ ଜଣଙ୍କ ହେଉଛନ୍ତି ପଡିଆ ଥାନା ଅର୍ନ୍ତଗତ ପ୍ରସନ୍‌ପାଲି ଗ୍ରାମର ସନା ମାଡକାମିଙ୍କ ପୁଅ ଭୀମା ମାଡକାମି। ତାଙ୍କ ନାମରେ କାଲିମେଳା ଥାନାରେ କେସ୍ ନଂ. ୧୭୯/୧୯ରେ ମାମଲା ରୁଜୁ ହୋଇଛି। ତେବେ ପ୍ରଥମରୁ ଏହି ଘଟଣା ଯାହା ଥିଲା ଶେଷ ସମୟରେ ଏହା ଭିନ୍ନ ମୋଡ ନେଇଥିଲା । ଯେଉଁ ଯୁବତୀ ନିଜ ପ୍ରେମିକ ସହିତ ଫେରାର ହୋଇ କିଛିଦିନ ବାହାରେ ରହିବା ପରେ ଫେରିଥିଲେ ସେ ନିଜ ପ୍ରେମିକଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିବା ସାଧାରଣରେ ଆଲୋଚନା ହେଉଚି। ଭୀମା ଉଣ୍ଡୁକୋଣ୍ଡା ପଞ୍ଚାୟତର ଇଞ୍ଚମେଟା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏସମ୍ପର୍କରେ ଝିଅ ଘର ଲୋକ ଜାଣିବା ପରେ ଏହାକୁ ବିରୋଧ କରିଥିଲେ । ଶେଷରେ ଉଭୟେ ଘରୁ ଲୁଚି ପଳାଇଥିଲେ । କିଛିଦିନ ପରେ ସେମାନଙ୍କ ବାହାଘର କରାଇଦେବାକୁ କହି ଝିଅ ଘର ଲୋକେ ଉଭୟଙ୍କୁ ଘରକୁ ଫେରିଆସିବାକୁ କହଥିଲେ । କିଛି ଦିନ ତଳେ ଭୀମା ନିଜ ପ୍ରେମିକାକୁ ତାଙ୍କ ଗ୍ରାମକୁ ଦେଖା କରିବାକୁ ଯାଇଥିବା ବେଳେ ଯୁବତୀଙ୍କ ସମ୍ପର୍କୀୟମାନେ ତାଙ୍କୁ ନିସ୍ଠୁକ ମାଡ ମାରି ଲହୁଲୁହାଣ କରିଦେଇଥିଲେ । ଏହାର ଦୁଇଦିନ ପରେ ଯୁବତୀ ଜଣକ ନିଜ ପ୍ରେମିକ ଭୀମାଙ୍କ ନାମରେ ଥାନାରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ।

## ଛାତ୍ରୀଙ୍କୁ ଯୌନ ନିର୍ଯାତନା: ଶିକ୍ଷକ ଅଟକ

**ସୋର, ୧୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଅଞ୍ଚଳରେ ଥିବା ଏକ ଆବାସିକ ବିଦ୍ୟାଳୟର ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ଆଇସିୟୁରେ ଭର୍ତ୍ତି କରାଯାଇଛି। ସୋର ପୋଲିସ ଏକ ମାମଲା(ନଂ. ୫୭୬/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଣେ ଶିକ୍ଷକ ଏବଂ ଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବାସୁଦେବପୁର ଅଞ୍ଚଳର ଦୁଇ ଭଉଣୀ ଏହି ବିଦ୍ୟାଳୟରେ ପଢନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀଜଣକ ହଠାତ୍‌ଅସୁସ୍ଥ ହୋଇପଡିଥିଲେ। ଖବରପାଇ ତାଙ୍କ ମା’ ସେଠାରେ ପହଞ୍ଚି ଝିଅଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏଥିରେ ଜଣେ ଶିକ୍ଷକ ସମ୍ପୃକ୍ତ ଥିବା ଅନ୍ୟ ଭଉଣୀଜଣକ ମା’ ପାଖରେ କହିବା ପରେ ଛାତ୍ରୀଙ୍କ ବାପା ସୋର ଥାନାରେ ଅଭିଯୋଗ କରିଛନ୍ତି। ସୋର ପୋଲିସ କଟକ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛି।



ଡାକ୍ତରଖାନା ପରିଦର୍ଶନରେ ଆସିଥିବା ରାଜ୍ୟସ୍ତରୀୟ ଟିମ୍ ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ରାଜ୍ୟସ୍ତରୀୟ ଟିମ୍

**କୋରୁକୋଣ୍ଡା, ୧୯।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ୩ଜଣିଆ ଟିମ୍ ମଙ୍ଗଳବାର ଗସ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟିମ୍‌ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଇଡିଏସପି ଡା. ଏକେ ପାଇକରାୟ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଶାନ୍ତ କୁମାର ଦାସ, ୟୁନିସେଫର ଗୌତମ ପଟ୍ଟନାୟକ ଏବଂ ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଜୟ କୁମାର ବୈଠାରୁ, ଆସିଷ୍ଟାଣ୍ଟ ମ୍ୟାନେଜର ସଚିନ ଦେବ ଗୌଡା ଆସିଥିଲେ। ଟିମ୍ ପରିଦର୍ଶନ ବେଳେ ବିଭିନ୍ନ ୱାର୍ଡ, ଲେବର ରୁମ୍, ଓଟି, ଲାବରେଟୋରି ସହ ମେଡିକାଲ ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ମେଡିକାଲର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଦେବାଶିଷ ନାୟକଙ୍କ ସହ ରୋଗୀସେବା ଓ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାୟାକଳ୍ପ ପୁରସ୍କାର ପାଇଁ ଏହି ଅନୁଧ୍ୟାନ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଅଧିକାଂଶ ଦିନ ସ୍ୱାସ୍ଥ୍ୟକେନ୍ଦ୍ରର ଭିତର ପରିସରରେ ଅଳିଆ ଆବର୍ଜନା ପଡି ରହୁଥିଲା। ଟିମ୍ ଗସ୍ତ କରୁଥିବା ଆଗୁଆ ସୂଚନା ପାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଫା କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

## ଛତୁଆ ଯୋଗାଣରେ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ ଏସଏଚଜି ମହିଳା

**ଚିତ୍ରକୋଣ୍ଡା,୧୯।୧୧(ଡି.ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ତଥା ମାଆମାନଙ୍କ ପାଇଁ ଲକ୍ଷେହୀରା ମହିଳା ସମବାୟ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ଯୋଗାଇ ଆସୁଥିଲା। ମାତ୍ର କିଛି ମାସ ହେଲା ଗୋଷ୍ଠୀର କ୍ଷତି ହେବା ସହ ଛତୁଆ ଯୋଗାଣରେ ବିଭିନ୍ନ ସମସ୍ୟା ଯୋଗୁ ସରକାର ଦେଉଥିବା ଅର୍ଥଠାରୁ ୧୦ଗୁଣ ଖର୍ଚ୍ଚ ପଡୁଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଅବଗତ କରାଯାଇଥିଲା। ବିଚ୍ଛିନ୍ନାଞ୍ଚଳ କୁ ଛତୁଆ ଯୋଗାଣ ଲାଗି ଯାତାୟାତ ବେଳେ ନଦୀ, ନାଳ, ପାହାଡ ଓ ପର୍ବତ ଦେଇଯିବାକୁ ପଡୁଥିବାରୁ ଏ କ୍ଷେତ୍ରରେ ଅତିରିକ୍ତ କୁଲି ମଜୁରି, ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡ଼ି ବ୍ୟବହାର ବାବଦରେ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଛତୁଆ ପହଞ୍ଚିବା ବେଳକୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ୧୦ ଗୁଣା ଖର୍ଚ୍ଚ ହେଉଛି। ସେହିପରି ଛତୁଆ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ବୁଟ, ବାଦାମ ଓ ରାଶିର କିଣା ମୂଲ୍ୟ ସ୍ଥାନୀୟ ମାର୍କେଟରେ ଯାହା ରହିଛି ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ତା’ଠାରୁ ବହୁ କମ୍ ରହିଛି। ଫଳରେ ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ରମାଗତ କ୍ଷତି ସହିବାକୁ ପଡୁଛି। ଜିଲା ପ୍ରଶାସନ ଏ ଦିଗରେ କିଛି ପଦକ୍ଷେପ ନ ନେଲେ ଛତୁଆ ବଣ୍ଟନରୁ ସେମାନେ ନିବୃତ୍ତ ରହିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଜିଲାପାଳ ଛତୁଆ ପ୍ରସ୍ତୁତି ଓ ଯୋଗାଣ ସମ୍ପର୍କରେ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ସେମାନଙ୍କ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଲେ ଜିଲାପାଳ



ଜିଲାପାଳଙ୍କ ଛାତ୍ରୀଛାତ୍ରଙ୍କୁ ପଢାଉଛନ୍ତି ।

**ଚିତ୍ରକୋଣ୍ଡା/ମାଲକାନଗିରି, ୧୯।୧୧(ଡି.ଏନ୍.ଏ.)–** ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଥିଲା। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଅଚାନକ ଜିଲାପାଳ ଆର୍‌ଏସ୍‌ସି–୬ ଓ ଆର୍‌ଏସ୍‌ସି–୯ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ । ସେଠାରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ପରିଚାଳନା ସମ୍ପର୍କରେ ବୁଝିବା ସହ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟ ଆଲୋଚନା କରିଥିଲେ। ପିଲାଙ୍କୁ ଗଣିତ ଓ ଇଂରାଜୀ ପାଠ ପଢାଇଥିଲେ। ସ୍ୱାଭିମାନ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସହ ଉନ୍ନତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ବୋଲି ଜିଲାପାଳ କହିଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ ନେଇ ସଚେତନତା




ପୋଷ୍ୟସନ୍ତାନ ଗ୍ରହଣ ନେଇ ବାହାରିଥିବା ସଚେତନତା ରଥ ।

**ମାଲକାନଗିରି,୧୯।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଶିଶୁ ସୁରକ୍ଷା ସମିତି, ମହିଳା ଓ ଶିଶୁ ବିଭାଗ ପକ୍ଷରୁ ମଙ୍ଗଳବାର ପୋଷ୍ୟ ସନ୍ତନ ଗ୍ରହଣ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏକ ସଚେତନତା ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ଏକସପ୍ତାହ ବ୍ୟାପୀ ଜିଲାର ବିଭିନ୍ନ ଅଞ୍ଚଳରେ ଏହା ଲୋକଙ୍କୁ ସଚେତନ କରିବ। ଜିଲାପାଳ ମନୀଷ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ବିଭାଗର ସୁଦେଷ୍ଣା ରାଉତ, ଜ୍ୟୋତି ପଣ୍ଡା, ଶିଶୁ କଲ୍ୟାଣ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ସଦସ୍ୟା ଜୁମୁକି ବେହେରା, ଚାଇଲ୍ଡ ଲାଇନର ପ୍ରଶାନ୍ତ ନାୟକ, ସୌମ୍ୟ ସ୍ୱାଇଁ, ସତ୍ୟଜିତ ପଣ୍ଡା, ଶିଶୁ ଗୃହ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ନିଃସନ୍ତାନ ଦମ୍ପତିଙ୍କୁ ଆନନ୍ଦ ଦେଇଥାଏ। ଏହା ସେମାନଙ୍କ ପାଇଁ ଏକ ସୁଖଦ ଅନୁଭୂତି। ସେମାନଙ୍କ ସ୍ନେହ ଓ ଶ୍ରଦ୍ଧାରେ ସନ୍ତାନଟି ଉପଯୁକ୍ତ ଲାଳନ ପାଳନ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମାଲକାନଗିରି ଜିଲାରେ କେତେକ ଦମ୍ପତି ଅଛନ୍ତି ଯେଉଁମାନଙ୍କ କୌଣସି ସନ୍ତାନ ସନ୍ତତି ନାହାନ୍ତି। ସେମାନେ ଯଦି ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତି ସେହି ଅବହେଳିତ ଶିଶୁମାନେ ଭବିଷ୍ୟତରେ ଆମ ସମାଜରେ ଜଣେ ଲେଖାଏ ସୁନାଗରିକ ହୋଇପାରନ୍ତେ ବୋଲି ଏହି ଅବସରରେ ଜିଲାପାଳ ଅଗ୍ରୱାଲ କହିଥିଲେ।

■ ଉସକାପାଲି ପ୍ରାଥମିକ ବିଦ୍ୟାଳୟ

## ଯେଉଁଠି ଛାତ୍ରୀଛାତ୍ର ନିଜ ଇଚ୍ଛାରେ ବିଦ୍ୟାଳୟକୁ ଆସନ୍ତି

**କୋରୁକୋଣ୍ଡା,୧୯।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଡ୍ରେଲ ପଞ୍ଚାୟତର ଉସକାପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ନୀତିକୁ ଏଠାରେ ଶିକ୍ଷା ପ୍ରଶାସନ ଭୁଲିଯାଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୫୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏଥିପାଇଁ ବିଦ୍ୟାଳୟରେ ଜଣେ ପ୍ରଧାନଶିକ୍ଷକ ନଳିନୀକାନ୍ତ ପଣ୍ଡା, ୨ଜଣ ଶିକ୍ଷକ ଓ ଅନ୍ୟ ଜଣେ ସହାୟକ ଶିକ୍ଷକ ଚିତ୍ତରଞ୍ଜନ ନାୟକ ରହିଛନ୍ତି। ତେବେ ବିଦ୍ୟାଳୟରେ ଯେତିକି ଛାତ୍ରୀଛାତ୍ର ଥାଆନ୍ତୁ ନା କାହିଁକି ସମସ୍ତଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ ହୁଏ । ଡାଲମାରେ ଡାଲିର ନାଁ ଗନ୍ଧ ନ ଥାଏ। ପନିପରିବା ନାମକୁ ମାତ୍ର ପଡିଥାଏ। ଏପରି ମଧ୍ୟାହ୍ନଭୋଜନ ପିଲାଙ୍କୁ ଦେଇ ଅର୍ଥ ହଡପ କରାଯାଉଥିବା ଅଭିଯୋଗ ହେଉଛି। ଏଥିସହ ମଧ୍ୟାହ୍ନଭୋଜନ ରୋଷେଇ କାର୍ଯ୍ୟରେ ରୋଷେୟାଙ୍କୁ ସାହାଯ୍ୟ କରିବା ପାଇଁ ଛାତ୍ରମାନଙ୍କୁ ନିୟୋଜିତ କରାଯାଉଛି। ପ୍ରଧାନ ଶିକ୍ଷକ ପଣ୍ଡା ଆମକୁ ରୋଷେଇ କାର୍ଯ୍ୟରେ ନିୟୋଜିତ କରୁଛନ୍ତି ବୋଲି କେତେ ଜଣ ଛାତ୍ର କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଏଠି ଛାତ୍ରୀଛାତ୍ରମାନେ ନିଜ ଇଚ୍ଛାରେ ପାଠ ପଢିବାକୁ ଆସନ୍ତି । କିଏ ଦିନ ସାଢେ ୧୧ଟାରେ ଆସେ ତ ପୁଣି କିଏ ଆସି ଉପସ୍ଥାପନ ପକାଇ ଘରକୁ ଚାଲିଯାଏ। ଏ ସମ୍ପର୍କରେ ବିଇଓ ପତିତପାବନ ଦାସଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।



ଗୋଟିଏ ଗୃହରେ ପଢୁଥିବା ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର ।

ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।
-ପ୍ରଜାପିତା ବ୍ରହ୍ମାକୁମାରୀ



# ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାରଳାଖେମୁଣ୍ଡି,୧୯।୧୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟ ଠାରେ ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ଉଦ୍‌ଘାଟନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ବୈଜ୍ଞାନିକ ପ୍ରତିଭା ତଥା ବିଜ୍ଞାନ ଚିନ୍ତାଧାରାର ବିକାଶ ଦିଗରେ ଏପରି ପ୍ରତିଯୋଗିତା ଆଦୃତ ହେବ ବୋଲି କହିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭଲକ୍ଷ୍ମୀ ଦାସ ଅନ୍ୟତମ ଅତିଥିଭାବେ ଯୋଗଦେଇ ଏହିଭଳି ପ୍ରତିଯୋଗିତାର ଆବଶ୍ୟକତା ବିଷୟରେ ମତ ରଖିଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ବରିଷ୍ଠ ବିଭାଗରେ ନବମ ଓ ଦଶମ ଶ୍ରେଣୀର ୩୫ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେହିପରି କନିଷ୍ଠ ବିଭାଗରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୭ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବିଚାରକ ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଂଯୁକ୍ତା ପାତ୍ର ଓ ସ୍ମରିତା ପାଢୀ ଯୋଗଦେଇ ବରିଷ୍ଠ ବିଭାଗରୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ମହେଶ୍ୱର ଦଳାଇ ଏବଂ କନିଷ୍ଠ ବିଭାଗରୁ ରାୟଗଡ ବ୍ଲକ ମାର୍ଲବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ସୋମ୍ ପରିଚ୍ଛାଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ମନୋନୀତ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୭ ଏବଂ ୨୮ରେ ଭୁବନେଶ୍ୱରସ୍ଥିତ ରିଜିଓନାଲ ସାଇନ୍ସ ସେଣ୍ଟରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାକୁ ସମସ୍ତ ସହାୟକ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ ।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରୁଛି ସର୍ଗିଫୁଲ

ନବରଙ୍ଗପୁର,୧୯।୧୧ (ବି.ପ୍ର.)

ଅନୁସୂଚିତ ଜତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଓ ବିଜ୍ଞାନମେଳା ସର୍ଗିଫୁଲ କାର୍ଯ୍ୟକ୍ରମ ଉମରକୋଟ ଡିଏନକେ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଉଦଘାଟନୀ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣବତ୍ତାକୁ ପରିପ୍ରକାଶ କରିବା ଓ ସେମାନଙ୍କ ମଧ୍ୟରେ ପ୍ରତିଯୋଗୀତା ମୂଳକ ବାତାବରଣ ସୃଷ୍ଟି ପାଇଁ ଏହି କାର୍ଯ୍ୟକ୍ରମ ପ୍ରତି ବର୍ଷ ଅନୁଷ୍ଠିତ ହୋଇ ଆସୁଛି ବୋଲି କହିଥିଲେ । । ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୱେଷା ଶିକ୍ଷା ବ୍ୟବସ୍ଥାରେ ଇଂଲିସ ବିଦ୍ୟାଳୟରେ ପାଠ ପଢିବା ସହ ସେମାନଙ୍କ ଦକ୍ଷତା କିଛି କମ ନୁହେଁ ବୋଲି କହିଥିଲେ।

ଜିଲାର ୮୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଜ୍ଞାନ ମେଳାରେ ୩୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ୬ଟି ପ୍ରକଳ୍ପ ଜୋନାଲ ସ୍ତରରେ ଭାଗ ନେବ। ତେବେ ଏହି ସର୍ଗିଫୁଲ କାର୍ଯ୍ୟକ୍ରମରେ ବିଜ୍ଞାନ ମେଳା ସମେତ ତର୍କ, ବକ୍ତୃତା, ଗଣିତ, ବିଜ୍ଞାନ, ସାଧାରଣ ଜ୍ଞାନ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ବାଦ୍ୟଯନ୍ତ୍ର, ନୃତ୍ୟ, ଏକକ ଅଭିନୟ ପ୍ରତିଯୋଗୀତା ସମେତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବରିଷ୍ଠ ଦେଓ୍ୱାନୀ ବିଚାରପତି ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ରାଇଘର ଜେଏମଏଫସି ଆଶିଷ କୁମାର ପରିଚ୍ଛା, ଉମରକୋଟ ଏସଡିପିଓ ହେମନ୍ତ କୁମାର ପାଢୀ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ନୟକଗୁଡା ଉଚ୍ଚ ମାଧ୍ୟମିକ ସ୍କୁଲର ଦିଗାମ୍ବର ଷଡଙ୍ଗୀ, ଅନୁସୂଚିତ ଜନଜାତି ଓ ଜାତି ଶିକ୍ଷକ ସଂଘର ସଭାପତି ସାଧୁରାମ ଭତ୍ରା ଓ ରାଜ୍ୟ ଶାଖାର ସାଧାରଣ ସମ୍ପାଦକ ତ୍ରମ୍ବନାଥ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବ୍ଲକ ସ୍ତରରେ ପ୍ରଥମ, ଦ୍ୱିତୀୟ ସ୍ଥାନ ପାଇଥିବା ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଜିଲା ସ୍ତରରେ ପ୍ରଥମ ସ୍ଥାନ ପାଇଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ହୃଷିକେଶ ମିଶ୍ର, ଶୁଭେନ୍ଦୁ ବେହେରା, ଅମୁଲ୍ୟ ପଟ୍ଟନାୟକ, ପ୍ରତାପ କୁମାର ନନ୍ଦ, ମନୋଜ ପାଢୀ, ମନୋଜ ପଟ୍ଟନାୟକ, କାଳି କିଙ୍କର ପଟ୍ଟନାୟକ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ ।

## ସେମାନେ ଯାହା କୁହନ୍ତି...

### ମଞ୍ଚ ମାଧ୍ୟମରେ ଅନେକ ଶିକ୍ଷା ମିଳିପାରୁଛି



ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରିବାକୁ ସୁଯୋଗ ମିଳୁଛି । ମଞ୍ଚ ମାଧ୍ୟମରେ ଅନେକ ଶିକ୍ଷା ମିଳି ପାରୁଛି । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀ ଛାତ୍ରଙ୍କ ସହ ମିଶିବାର ଏକ ସୁଯୋଗ ସହ ବିଦ୍ୟାଳୟରେ କିଭଳି ଶିକ୍ଷା, କୌଶଳ ଶିକ୍ଷା ଦିଆଯାଉଛି ତାହା ଜାଣିବାର ଏକ ସୁଯୋଗ ଏହି ସର୍ଗିଫୁଲ କାର୍ଯ୍ୟକ୍ରମ ।

-ଉର୍ମିଳା ସାନ୍ତା,ନବମ ଶ୍ରେଣୀ ଛାତ୍ରୀ

### ବିଜ୍ଞାନମେଳା ଦ୍ୱାରା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜାଣିବାକୁ ମିଳୁଛି



ବିଜ୍ଞାନ ମେଳା ଦ୍ୱାରା ବିଭିନ୍ନ ପ୍ରକଳ୍ପ ଓ ତାହାର କାର୍ଯ୍ୟକାରିତା ଉପରେ ଜାଣିବାକୁ ପାଇଲି । ବିଜ୍ଞାନ ଉପରେ ଅଧିକ ଧାରଣା ସୃଷ୍ଟି କରି ପାରିଛି । ଏହିଭଳି କାର୍ଯ୍ୟକ୍ରମ ଗୋଟିଏ ଦିନ ଅପେକ୍ଷା ଦୁଇ ଦିନ କରାଯାଇ ପାରନ୍ତା ତେବେ ଭଲ ହୁଅନ୍ତା ।

-ସୁଶୀଳା ମାଝି, ୭ମ ଶ୍ରେଣୀ ଛାତ୍ରୀ

### ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରୁଛି



ବର୍ଷକୁ ଥରେ ସରଗିଫୁଲ କାର୍ଯ୍ୟକ୍ରମ ହେଉଛି । ନିଜର ଦକ୍ଷତା ପ୍ରତିପାଦନ କରୁଛୁ । ପ୍ରତିଯୋଗୀତା ହେଉଛି । କିଏ ପ୍ରଥମ ଦ୍ୱିତୀୟ ହେଉଛନ୍ତି ସେଥିରେ କିଛି ନାହିଁ। ଆମ ମଧ୍ୟରେ ଏକ ପ୍ରତିଯୋଗୀତା ସୃଷ୍ଟି ହୋଇ ପାରୁଛି ତାହା ଭବିଷ୍ୟତ ପାଇଁ ମଙ୍ଗଳ ହେଉଛି ।

-ଶ୍ରୀଦେବୀ ଜାନୀ,୯ମ ଶ୍ରେଣୀ ଛାତ୍ରୀ

### ଛାତ୍ରୀମାନେ ରାଜ୍ୟସ୍ତରକୁ ଯାଇ ଜିଲାର ସୁନାମ ରଖିପାରୁଛନ୍ତି



ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟର ଅନେକ ଛାତ୍ରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟସ୍ତରକୁ ଯାଇ ଜିଲାର ସୁନାମ ରଖିଛନ୍ତି। ବିଜ୍ଞାନ ମେଳାରେ କୃତୀ ଛାତ୍ରୀଛାତ୍ର ଓ ପ୍ରକଳ୍ପ ଜାତୀୟ ସ୍ତରରେ ମଧ୍ୟ ସ୍ଥାନ ପାଇ ଜିଲା, ରାଜ୍ୟର ନାମ ରଖି ପାରିଛି । ଏଥିପାଇଁ ସର୍ଗିଫୁଲ କାର୍ଯ୍ୟକ୍ରମର ଅନେକ ମହତ୍ୱ ରହିଛି।

-ସାଧୁରାମ ଭତ୍ରା, ଅନୁସୂଚିତ ଜନଜାତି ଓ ଜାତି ଶିକ୍ଷକ ସଂଘର ଜିଲା ସଭାପତି

# ରନ୍ଧନ ଗ୍ୟାସ୍ ଉପଭୋକ୍ତାଙ୍କ ପାଇଁ ସଚେତନତା ସଭା

କାଶୀନଗର,୧୯।୧୧ (ଡି.ଏନ୍.ଏ.)

କାଶୀନଗରସ୍ଥିତ ସତ୍ୟସାଇ ଗ୍ୟାସ୍ ଏଜେନ୍ସି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଉପଭୋକ୍ତାଙ୍କ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାଶୀନଗର ଉପଭୋକ୍ତା ଅଧିକାର ସୁରକ୍ଷା କମିଟିର ସଭାପତି ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଜପତି ଜିଲା ଉପଭୋକ୍ତା ଅଧିକାର ସୁରକ୍ଷା କମିଟିର ସଭାପତି ପ୍ରଶାନ୍ତ ମିଶ୍ର ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସତ୍ୟସାଇ ଗ୍ୟାସ୍ ଏଜେନ୍ସିର ପ୍ରୋପ୍ରାଇଟର୍ ଦେବଦତ୍ତ ବେହେରା, ଜିଲା ସମ୍ପାଦକ ଆର୍. ଲୋକନାଥମ୍, କାଶୀନଗର ରଇତ ସଂଘର କାର୍ଯ୍ୟକାରୀ ସଭାପତି ଏସ୍. ତାତେୟା, କଳାକାର କେ. ରାମବାବୁ, କମିଟି ସଦସ୍ୟ ଟି. କ୍ରିଷ୍ଣା ମଞ୍ଚାସୀନ ଥିଲେ। ଏଠାରେ ପ୍ରୋପ୍ରାଇଟର୍ ଏଚ୍‌ପି ଗ୍ୟାସ୍‌ର ବିଭିନ୍ନ ସ୍କିମ୍ ସମ୍ପର୍କରେ ବୁଝାଇଥିଲେ। ବସନ୍ତ କୁମାର ଦାମୋଦର ଏବଂ ଏସ୍. ସୀମାଞ୍ଚଳମ୍ ଉପୋଭକ୍ତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସେହିପରି ୧୭୭ ଟଙ୍କା ଜମାକରି ଗ୍ୟାସ୍ ଚେକ୍ କରାଇନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଫଳରେ ବୀମା ସୁବିଧା ପାଇପାରିବେ। ସେହିପରି ବିଲ୍‌ରେ ଉଲ୍ଲେଖ ଟଙ୍କା ଠାରୁ ଏଜେନ୍ସି ଅଧିକ ଟଙ୍କା ନେବନାହିଁ ଏବଂ ପରିବର୍ତ୍ତିତ ସିଲିଣ୍ଡର୍‌ର ମୂଲ୍ୟ କାର୍ଯ୍ୟାଳୟ ବାହାରେ ଡିସ୍‌ପ୍ଲେ ବୋର୍ଡରେ ଉଲ୍ଲେଖ ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଜିଲାରେ ରହିଥିବା ଗ୍ରାହକ ସେବା କେନ୍ଦ୍ରର ନିଷ୍ପତ୍ତି ଅନୁଯାୟୀ ଅଲଡ଼ା, ସିଆଳି, ଗାଇବା, ଖାଣ୍ଡବା ପଞ୍ଚାୟତ ସହ ଚୁକ୍ତି ହୋଇଥିବାବେଳେ ପଞ୍ଚାୟତର ସବ୍‌ଡିଲର୍ ମାନେ ସର୍ବାଧିକ ୭ଟି ସିଲିଣ୍ଡର୍ ଗଚ୍ଛିତ ରଖି ବିତରଣ କରିପାରିବେ ବୋଲି କୁହାଯାଇଛି। ଏହାସହ ଆଗାମୀ ଦିନରେ ଏକ ସଚେତନତା ସଭା କରାଯିବ ଏବଂ ଗ୍ୟାସ୍‌ର ବ୍ୟବହାର ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଏଠାରେ ନିଷ୍ପତ୍ତି ହୋଇଛି।


ଶିବିରରେ ଉପସ୍ଥିତ ଜିଲା ଉପଭୋକ୍ତା ଅଧିକାର ସୁରକ୍ଷା କମିଟିର ସଭାପତି, ସତ୍ୟସାଇ ଗ୍ୟାସ୍ ଏଜେନ୍ସିର ପ୍ରୋପ୍ରାଇଟର୍ ଓ ଅନ୍ୟମାନେ।

# ଚାଇଲ୍ଡଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ



ପିଲାମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ପାରଳାଖେମୁଣ୍ଡି,୧୯।୧୧(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଶରଧାପୁର ଗ୍ରାମରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଚାଇଲ୍ଡଲାଇନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ଶିଶୁ ଦିବସ ଠାରୁ ୭ଦିନ ବ୍ୟାପୀ ଚାଇଲ୍ଡଲାଇନ ପକ୍ଷରୁ ଶିଶୁମାନଙ୍କ ପାଇଁ ଚାଇଲ୍ଡଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଶିଶୁ ନିର୍ଯାତନା ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ପ୍ରଭୃତି ରୋକିବାପାଇଁ ଚାଇଲ୍ଡଲାଇନ୍ କିପରି ସହାୟକ ହୋଇପାରୁଛି ସେ ବିଷୟରେ ଜନସାଧାରଣ ଏବଂ ଶିଶୁମାନଙ୍କୁ ସଚେତନ କରାଯାଉଛି । ଏହି ଅବସରରେ ଶିଶୁମାନଙ୍କୁ ଏକ ସବୁଜ ରଙ୍ଗର ବ୍ୟାଣ୍ଡ ହାତରେ ବାନ୍ଧିବାକୁ ଦିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ଶିଶୁମାନଙ୍କ ଅଧିକାର ଏବଂ ଚାଇଲ୍ଡଲାଇନର କାର୍ଯ୍ୟକାରୀତା ବିଷୟରେ ବିଭିନ୍ନ ସ୍ଲୋଗାନମାନଦେଇ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଚାଇଲ୍ଡଲାଇନ୍‌ର ସଭ୍ୟ ଭେଙ୍କଟେଶ ସେନାପତି ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ରଘୁନାଥ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡଲାଇନ୍‌ର ସଦସ୍ୟ ଟି.ସୁରେଶ କୁମାର, ୱାଇ.ମୂରଲୀ ପ୍ରମୁଖ ସହଯୋଗ କରିଥିଲେ ।

# ସନ୍ଥ ଦୁର୍ଗାଚରଣଙ୍କ ଜୟନ୍ତୀ ପାଳିତ

ନବରଙ୍ଗପୁର,୧୯।୧୧(ବି.ପ୍ର.)

ନବରଙ୍ଗପୁର ନିଗମାନନ୍ଦ ଆଶ୍ରମରେ ସନ୍ଥ ଦୁର୍ଗାଚରଣଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର ସଭାପତି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ରମେଶଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇଥିଲେ । ଡ. ରାଧାନାଥ ବେହେରା, ଶିକ୍ଷାବିତ୍ ନବକିଶୋର ପଣ୍ଡା, ଡ. କୈଳାସ ଚନ୍ଦ୍ର ପାତ୍ର ଓ ବରିଷ୍ଠ ସମ୍ପାଦକ ଗୋପବନ୍ଧୁ ବିଷୋୟୀ ପ୍ରମୁଖ ଆଲୋଚନାରେ ଯୋଗ ଦେଇ ପରିଚାଳକ ଦୁର୍ଗାଚରଣ ଜଣେ ଯୋଗଜନ୍ମା ସନ୍ଥ, ସଂଗଠକ ବୋଲି କହିଥିଲେ । ନିଗମ ଶିଷ୍ୟ ଦୁର୍ଗାଚରଣଙ୍କ ସଙ୍ଗଠନ ପ୍ରତିଭା ଉପରେ ଗୋପବନ୍ଧୁ ବିଷୋୟୀ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା. ଅମ୍ବିକା ପ୍ରସାଦ ପାଣିଗ୍ରାହୀ, ସାମ୍ବାଦିକ ସଂଘର ସଭାପତି ସୁଶାନ୍ତ କୁମାର ବେହେରା, ନୋଟାରୀ ଉମାଶଙ୍କର ତ୍ରିପାଠୀ, ବାଙ୍କବିହାରୀ ବିଷୋୟୀ, ସଦାଶିବ ପ୍ରହରାଜ, ଜଗଦୀଶଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ ମିଶ୍ର, ଜଗଦୀଶଚନ୍ଦ୍ର ପାତ୍ର, ସରୋଜ କୁମାର ତ୍ରିପାଠୀ, ସର୍ବେଶ୍ୱର ପାତ୍ର, ହାସାନ ଖାଁ, ଦୁର୍ଗାମାଧବ ରଥ, ଶୁଭେନ୍ଦ୍ର ନଥ ଦଳେଇ, ଦୁଷ୍ମନ୍ତ ଦଶ, ଓକିଲ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର, ମଧୁସୂଦନ ସାମଲ ପ୍ରମୁଖ ଯୋଗଦେଇଥିଲେ । ଆଶ୍ରମ ସମ୍ପାଦକ ନରେନ୍ଦ୍ର କୁମାର ପାଳ ଧନ୍ୟବାଦ ଦେଇଥିଲେ। ଆଶ୍ରମର ମୁଖ୍ୟ ସଙ୍ଗୀତ ସେବକ ପ୍ରଫୁଲ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଦେବବ୍ରଦ ସାମନ୍ତରାୟ, ପ୍ରମିଳା ପାତ୍ର ଓ ହଟକିଶୋର ବେହେରା ନିଗମ ସଙ୍ଗୀତ ପରିବେଷଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଯୁବକଙ୍କ ଆତ୍ମହତ୍ୟା

ଜି.ଉଦୟଗିରି, ୧୯।୧୧ (ଡି.ଏନ.ଏ.)

ଜି.ଉଦୟଗିରି ଥାନା କିରାମାହାଠାରେ ଜଣେ ଯୁବକ ନିଜ ରୋଷେଇ ଘରେ ଦୁଲାରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ବାପାଙ୍କ ଏତଲା ପ୍ରକାରେ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୭/୧୯ ରୁଜୁ କରଛି।

# ସୁସ୍ଥ ରହିବା ପାଇଁ ବ୍ୟାୟାମ ଜରୁରୀ


ବ୍ୟାୟାମରେ ସାମିଲ ହୋଇଥିବା ଲୋକମାନେ ।

ପାରଳାଖେମୁଣ୍ଡି,୧୯।୧୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଜିଲା ପୋଲିସ ପକ୍ଷରୁ ଏକ ଫିଟ୍‌ନେସ ଶିବିର ‘ଜୁମ୍ବ ଏରୋବିକ୍ସ’ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ସମାଜରେ ସମସ୍ତେ ନିଜ ଶରୀରକୁ ସୁସ୍ଥ ରଖିବାପାଇଁ ବ୍ୟାୟାମ କରିବା ନିତାନ୍ତ ଆବଶ୍ୟକ। ବ୍ୟାୟମ କରିବା ଦ୍ୱାରା ମଣିଷ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ଜୀବନଯାପନ କରିପାରିବ। ପ୍ରତ୍ୟେକ ବ୍ୟକ୍ତି ବ୍ୟାୟାମ କରି ଅନ୍ୟମାନଙ୍କୁ ଶାରୀରିକ ବ୍ୟାୟାମ ପାଇଁ ସଚେତନତା କରିବାକୁ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏଥିରେ ବହୁ ସରକାରୀ ଅଧିକାରୀ, ପୋଲିସ ଅଧିକାରୀ, କର୍ମଚାରୀ, ବରିଷ୍ଠନାଗରିକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ, ପୂର୍ବତନ ବିଧାୟକ କେ.ସୁରିୟା ରାଓ, ଡିଏସ୍‌ପି ସୀତାରାମ ଶତପଥୀ, ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହୋନାଗା, ଥାନା ଅଧିକାରୀ ବିବେକନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



ଏସ୍‌ପି ସାରା ଶର୍ମା ବ୍ୟାୟାମ ପ୍ରଶିକ୍ଷଣ ଦେଉଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା

ଝରିଗାଁ,୧୯।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମା ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଏନ୍‌ଡିଆରଏଫ୍ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆଦର୍ଶ ବିଦ୍ୟାଳୟଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ବିଡିଓ ଦେବେନ୍ଦ୍ର ବାହାଦୁରସିଂ ଧରୁଆ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ମାଧବ ମେହେର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କଟକ ମୁଣ୍ଡୁଳି ସ୍ଥିତ ତୃତୀୟ ବାଟାଲିୟନ୍‌ର ଇନ୍ସପେକ୍ଟର ସୁନିଲ କୁମାର ଶାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଏନ୍‌ଡିଆରଏଫ କଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ଏବଂ ସମାଜକୁ କିପରି ସୁରକ୍ଷା ପ୍ରଦାନ କରିପାରିବା ସେଥିନେଇ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ମଧୁସ୍ମିତା ମାଳି, ମନୋଜ କୁମାର ବିଶ୍ୱାଳ, ମୋତିସିଂ ମାଝୀ,ରାଜୁ ହରିଜନ, ସୁଶେନ କୁମାର ଢାଲି, ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଏନଡିଆରଏଫ ପକ୍ଷରୁ ସଚେତନତା କରାଯାଉଛି।

